ଧରିତ୍ରୀ
DHARITRI

May 12-18, 2019 ₹ 2/-

# ଛୁଟିଦିନ



# ତୋ ମା'

୩ ପ୍ରଚ୍ଛଦ ପ୍ରସଙ୍ଗ

ଚାଲୁ ଚାଲୁ ଝୁଣ୍ଟି ପଡ଼ିଲେ ଯିଏ କୋଳକୁ ଟାଣିଆଣି ଆଉଁଶି ପକାଏ। ଖାଇବା ସମୟରେ ତଣ୍ଟିରେ ଲାଖିଗଲେ ଯାହାର ହୃଦ୍‌ସ୍ପନ୍ଦନ ବଢ଼ିଯାଏ, ସିଏ ହେଉଛି ମା'। ସନ୍ତାନର ସାମାନ୍ୟ ଯନ୍ତ୍ରଣା ମା' ହୃଦୟରୁ ରକ୍ତ ଝରାଇଦିଏ। ସେଇଥିପାଇଁ ତ ସନ୍ତାନ ଉପରକୁ ଯେବେ ଆସେ କୌଣସି ବିପଦ ଥରିଯାଏ ମା'ର କଲିଜା। ଦୁଇ ବାହୁକୁ ପ୍ରସାରି ସେ ସବୁକୁ ନିଜ ଛାତିରେ ଆବୋରିନିଏ। କାରଣ ସନ୍ତାନ ଭିତରେ ହିଁ ଥାଏ ତା'ର ଜୀବନ...



୧୩ ସହରଠୁ ଦୂର



୮/୯ ସିନେମା

# କଏନ୍ ଆର୍ଟ





ଡ୍ରଇଙ୍ଗ ସିଟ୍ ବା କାନଭାସ୍ ଉପରେ ଆକ୍ରେଲିକ୍ ପେଣ୍ଟ୍, ଅଏଲ୍ ପେଣ୍ଟ୍‌ରେ ଅଙ୍କିତ ବିଭିନ୍ନ ଚିତ୍ର ଆମେ ଦେଖିଛେ ଏବଂ ଜାଣିଛେ ମଧ୍ୟ। କିନ୍ତୁ କେବେ କଏନ୍ ଉପରେ ପେଣ୍ଟିଙ୍ଗ କଥା ଚିନ୍ତା କରିଛନ୍ତି? ଆରାଇଜୋନାର ବ୍ରାଏ ମେରୀ ନାମକ ଜଣେ ମହିଳା କଏନ୍ ଉପରେ ସୁନ୍ଦର ସୁନ୍ଦର ପେଣ୍ଟିଙ୍ଗ କରି ସାଉଁଟୁଛନ୍ତି ଅନେକ ଲୋକପ୍ରିୟତା। ମେରୀ ତମ୍ବାର ଛୋଟ କଏନ୍ ଉପରେ ଅଏଲ ପେଣ୍ଟ ଦ୍ୱାରା ବିଭିନ୍ନ ଲାଣ୍ଡସ୍କେପ, ପ୍ରକୃତିର ବିଭିନ୍ନ ରୂପ ଆଦିକୁ ଅତି ନିଷ୍ପୁଣ ଭାବେ ଆଙ୍କିପାରୁଛନ୍ତି। ସେ ପୂର୍ବରୁ ତମ୍ବା ପାତ ଉପରେ ଅଏଲ ପେଣ୍ଟ ବ୍ୟବହାର କରି ଅନେକ ପ୍ରତିକୃତି ଆଙ୍କୁଥିଲେ। କିନ୍ତୁ ପରେ ସେ ଚିନ୍ତା କଲେ କଏନ୍ ଉପରେ ପ୍ରତିକୃତି ଆଙ୍କିବାର ଏକ ନିଆରା କଳା। ଦୀର୍ଘ ୪ ବର୍ଷ ଧରି ମେରୀ ଏହି ଆର୍ଟ କରିଆସୁଛନ୍ତି ଏବଂ ଏଥିଲାଗି ଅନେକ ପ୍ରଶଂସା ମଧ୍ୟ ସାଉଁଟୁଛନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୨-୧୮

**ମେଷ**: ଶତ୍ରୁତାର ଅବସାନ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ଅଜୀର୍ଣ୍ଣ ପୀଡ଼ା, ବନ୍ଧୁ ମନାନ୍ତର, କଳହ, ଆମୋଦ ପ୍ରମୋଦ, ପାରିବାରିକ ସମସ୍ୟା, ସାହାଯ୍ୟ ସହଯୋଗ ପ୍ରାପ୍ତି, ଯାନବାହନରେ ସମସ୍ୟା, ସମ୍ପର୍କ ଯୋଡ଼ିବେ, ସରକାରୀ ସାହାଯ୍ୟ।

**ବୃଷ**: ଲକ୍ଷ୍ୟ ପୂରଣ, ଆନୁଷଙ୍ଗିକ ସହଯୋଗ, ସାମାଜିକ ସମ୍ମାନ, ଅର୍ଥ ଓ ସମ୍ମାନ ପାଇବେ, ସମସ୍ୟା ସମାଧାନ, ବିବାଦଗ୍ରସ୍ତ ହେବେ, ସମ୍ପର୍କହାନି, କ୍ରୀଡ଼ାରେ ସଫଳତା, ନୈତିକ ବିଜୟ।

**ମିଥୁନ**: ଦୈହିକ ଦୁର୍ବଳତା, ନିର୍ଭରଶୀଳ ହେବେ, ସନ୍ତାନଙ୍କ ସାହାଯ୍ୟ, ପରିବହନରେ ଝଗଡ଼ା, ସାହିତ୍ୟରେ କୃତିତ୍ୱ, ସାମ୍ବାଦିକତାରୁ ଗୌରବ, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ସହକର୍ମୀଙ୍କ ବଦାନ୍ୟତା, ବିବାଦର ସମାଧାନ।

**କର୍କଟ**: ଦୂରଯାତ୍ରା, କର୍ମଜଞ୍ଜାଳ ବୃଦ୍ଧି, ପାରିବାରିକ ସୌଖ୍ୟ, ମନୋରଞ୍ଜନ, ସମସ୍ୟା ସମାଧାନ, ଶୁଭଖବର ପ୍ରାପ୍ତି, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ। ବନ୍ଧୁ ବିରୋଧ, ସଙ୍ଗଦୋଷ।

**ସିଂହ**: ଉଚ୍ଚବର୍ଗଙ୍କ ସହାୟତା, ସଫଳତା ପାଇବେ, ନୂତନ ଯୋଜନା, ସମାଲୋଚିତ ହୋଇପାରନ୍ତି, ସମ୍ପର୍କ ହାନି, ରାଜନୈତିକ ସମସ୍ୟା, ପୃଷ୍ଠପୋଷକତା ପାଇବେ, ପରିସ୍ଥିତି ବଦଳିବ, ଧର୍ମକାର୍ଯ୍ୟରେ ରୁଚି, ଭ୍ରମଣ ସୁଯୋଗ।

**କନ୍ୟା**: ଆରୋଗ୍ୟ ଲାଭ, ସଞ୍ଚୟ ବୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ସୁଖ, କାର୍ଯ୍ୟସିଦ୍ଧି, ସଭାସମିତିରେ ସମ୍ମାନ, ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ପାରିବାରିକ ବିଶୃଙ୍ଖଳା, ବ୍ୟବସାୟରେ ପ୍ରତିବନ୍ଧକ, ଧର୍ମାନୁଷ୍ଠାନରେ ନେତୃତ୍ୱ।

**ତୁଳା**: ନୂତନ ବନ୍ଧୁ ସମ୍ପର୍କ, କର୍ମନିଯୁକ୍ତି, ଅର୍ଥଲାଭ, ମାନସିକ ଅସୁସ୍ଥତା ଓ ବ୍ୟସ୍ତତା ବୃଦ୍ଧି, ବନ୍ଧୁଙ୍କ ସନ୍ଦେହ, ଭୁଲ୍ ବୁଝାମଣା, ଶେଷ ତିନିଦିନ କାର୍ଯ୍ୟସିଦ୍ଧି, ଭ୍ରମଣ ସୁଯୋଗ, ଧର୍ମକାର୍ଯ୍ୟ, କର୍ମସଂସ୍ଥାନ, ନୂତନ ଯୋଜନା, ପାରିବାରିକ ସହଯୋଗ।

**ବିଛା**: କାର୍ଯ୍ୟସିଦ୍ଧି, ଆର୍ଥିକ ଅଭିବୃଦ୍ଧି, ପଡ଼ୋଶୀଙ୍କ ସାହାଯ୍ୟ, ଶୁଭଖବର ପାଇବେ, ସନ୍ତାନଙ୍କ କୃତିତ୍ୱ, ମାନସିକ ପ୍ରଫୁଲ୍ଲତା, ବନ୍ଧୁଙ୍କ ସହ କଳହ, ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି, ମଜାମଉଜର ମଉକା, ମିତ୍ରତା ବୃଦ୍ଧି, ମଙ୍ଗଳୋତ୍ସବ କାର୍ଯ୍ୟ, କୈଫିୟତ ତଲବ।

**ଧନୁ**: କର୍ମୋନ୍ନତି, ସନ୍ତାନ ସୁଖ, ସ୍ୱାସ୍ଥ୍ୟ ସମସ୍ୟା, ଉତ୍ସାହିତ ହେବେ, ଦୁଃସାଧ୍ୟ ସାଧନ, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଠକାମିରେ ପଡ଼ିପାରନ୍ତି, ବାଣିଜ୍ୟରେ କୁଶଳ, ଜମିଜମା ବିବାଦ, ସମ୍ପର୍କ ଯୋଡ଼ିବେ।

**ମକର**: ଟେନ୍‌ସନ ବଢ଼ିବ, ବନ୍ଧୁଟି ଭୁଲ୍ ବୁଝିବେ, ବିଦେଶ ଯାତ୍ରାର ସୁଯୋଗ, ଅପବ୍ୟୟର ସୀମା ଲଂଘନ, ଗୃହ ବିବାଦ ଲାଗିପାରେ। କର୍ମକ୍ଷେତ୍ରରେ ଟଣା ଓଟରା, ପରିବହନରୁ ଲାଭ, ମାଲିମକଦ୍ଦମାର ଫଇସଲା, ଋଣ ପରିଶୋଧର ଚିନ୍ତା।

**କୁମ୍ଭ**: କର୍ମ ପରିସର ବୃଦ୍ଧି, ଅବସର ପାଇବେନି, ବିଚଳିତ ବୋଧ, ଅବହେଳାରୁ ଅନୁତାପ, ସାଙ୍ଗଠନିକ କାର୍ଯ୍ୟ, ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼, ବନ୍ଧୁମିଳନ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶାପୂରଣ, ବ୍ୟବସାୟରେ ଉନ୍ନତି, ପ୍ରଶାସନିକ ସଫଳତା।

**ମୀନ**: ଉଦ୍ୟମ ସିଦ୍ଧି, ନୂତନ କର୍ମାରମ୍ଭ, ଅପ୍ରିୟ ସତ୍ୟରୁ ଅଶାନ୍ତି, ବିବାଦଗ୍ରସ୍ତ ହୋଇପାରନ୍ତି, ଗୃହଜଞ୍ଜାଳ ବୃଦ୍ଧି, ଆର୍ଥିକ ଅନଟନ, ମିଥ୍ୟାଭିଯୋଗ, ସମାଲୋଚିତ ହୋଇପାରନ୍ତି, ପାରିବାରିକ କଳହ, କଳାରେ ସମ୍ମାନ, ଆନୁଷ୍ଠାନିକ କର୍ମ ତତ୍ପରତା।

# ପାଠକୀୟ

❖ପରିସ୍ଥିତି କାହାକୁ ଧନୀ ଓ ଗରିବ କରି ଗଢ଼ିଥାଏ। କିନ୍ତୁ ଯିଏ ଏହି ପରିସ୍ଥିତିକୁ ଦୃଢ଼ତାର ସହ ସାମ୍ନା କରି ଆଗକୁ ବଢ଼ିବାକୁ ଚେଷ୍ଟା କରେ, ଶେଷରେ ସଫଳତା ତା'ର ପାଦ ଛୁଏଁ। ସେମିତି କେତେଜଣ ଉଦାହରଣ ସୃଷ୍ଟିକାରୀ ବ୍ୟକ୍ତିତ୍ୱଙ୍କୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଶ୍ରମ ଦେଇଛି ସଫଳତା' ଆଲେଖ୍ୟଟି ମୋତେ ପଢ଼ିବାକୁ ବହୁତ ଭଲ ଲାଗିଥିଲା। ସେହିପରି 'ଏକଲାପଣ ଦୂର କରିବା ପାଇଁ' ଏବଂ 'ବ୍ଲାଙ୍କେଟ ସହ ବିବାହ' ପାଠଦୁଇଟି ବି ପଢ଼ିବାକୁ ବେଶ୍ ମଜାଦାର୍ ଥିଲା।

*–ରଘୁ ନାରାୟଣ ଦାଶ, ଶହୀଦନଗର, ଭୁବନେଶ୍ୱର*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଶ୍ରମ ଦେଇଛି ସଫଳତା' ପାଠଟିର ଉପସ୍ଥାପନାଶୈଳୀ ବେଶ୍ ଉଚ୍ଚକୋଟୀର। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ହଲ୍ଟର୍ ଡ୍ରେସ୍' ସମ୍ପର୍କରେ ନୂଆ ନୂଆ ତଥ୍ୟ ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ଭାରତର ମିଜାଇଲ ୱୁମ୍ୟାନ୍' କୁହାଯାଉଥିବା ଟେସୀ ଥମାସ୍‌ଙ୍କ ଜୀବନୀ ସମ୍ପର୍କରେ ବହୁ ରୋଚକ କଥା ଜାଣି ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ବିଶ୍ୱାସ' ନାମକ ଗପଟି ମୋ ମନ କିଣିନେଲା।

*–ସୁଜିତ୍ କୁମାର ମିଶ୍ର, ମଧୁବନ, ବାରିପଦା*

❖ସିନେମା ପୃଷ୍ଠାରେ ସ୍ଥାନିତ 'କାରଣ ଖୋଜୁଛନ୍ତି ପରିଣିତି', 'ଶାହରୁଖ ହିଁ ବେଷ୍ଟ', 'ପ୍ରିୟଙ୍କାଙ୍କ ବଲିଉଡ୍ ମୋହ' ଆଦି ପାଠଗୁଡ଼ିକର ଉପସ୍ଥାପନାଶୈଳୀ ଖୁବ୍ ସୁନ୍ଦର ହୋଇଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ କଣ୍ଠଶିଳ୍ପୀ, ଉପସ୍ଥାପକ, ଅଭିନେତା ତଥା ଶିକ୍ଷକ ଘନଶ୍ୟାମ ବେହେରାଙ୍କ ରୋଜଗାର ସମ୍ପର୍କିତ କାହାଣୀଟି ମୋ ମନକୁ ବେଶ୍ ଛୁଇଁଗଲା। 'କାକଟପୁର କାଳିକା ନୃତ୍ୟ' ବି ଏକ ନିଆରା ଆଲେଖ୍ୟ ଥିଲା।

*–ତମନ୍ନା ରାଉତରାୟ, ବରଗଡ଼*

❖ଏଥରର 'ଚିନ୍ମୟ ଚିନ୍ତନ' ପାଠଟି ପଢ଼ିଲି, ବେଶ୍ ମନଛୁଆଁ ହେବା ସହ ଶିକ୍ଷଣୀୟ ଥିଲା ଏହି ପାଠଟି। ମଡେଲ୍ ମିରର୍‌ରେ 'ସସ୍ମିତା' ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'କମ୍ବଳକୋଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ' ପାଠଟି ପଢ଼ିଲି, ସେଥିରୁ ଅନେକ କିଛି ଶିଖିବାକୁ ମିଳିଲା।

*–ଶରତ କୁମାର ମହାନ୍ତି, ଜୟପୁର ଛକ, ସାକ୍ଷୀଗୋପାଳ*

❖ବିବିଧା ପୃଷ୍ଠାରେ ସ୍ଥାନିତ 'ଅଜଗରର ଦାନ୍ତ ଘଷାଏ, କୁମ୍ଭୀରକୁ ମେକ୍‌ଅପ୍ କରାଏ କୁନି ଝିଅ' ପାଠଟି ସତରେ ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ଯାତ୍ରା ପୃଷ୍ଠାରେ ସ୍ଥାନିତ 'ଜିନୁଙ୍କ ଜୀବନ ଯାତ୍ରା' ଏବଂ 'ଖଳନାୟକ ଅଜୟ' ଆଦି ପାଠଦୁଇଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଅନ୍ୟପକ୍ଷେ 'ପତ୍ରରେ ନୂଆ ଜୀବନ' ଏବଂ 'ମିସ୍ ସନ୍‌ସାଇନ୍' ପାଠ ଦୁଇଟି ବି ମଜାଦାର୍ ଥିଲା।

*–ତନ୍ମୟ ପ୍ରଧାନ, ନୟାଗଡ଼*

# ଅଫିସ୍ କାମରେ ମନ ନ ଲାଗୁଥିଲେ

ବିଭିନ୍ନ କାରଣ ହେତୁ ଅଫିସ୍‌ରେ କାମ କରିବା ପାଇଁ ମନ ଲାଗି ନଥାଏ। ଅଫିସ୍ ପହଞ୍ଚିବା ମାତ୍ରେ କିଛି ଜଣଙ୍କୁ ଅଜଣା ଟେନ୍ସନ୍ ଘାରୁଥିବା ବେଳେ କିଛି ଜଣଙ୍କୁ ଅଫିସ୍ ର ମାହୋଲ ନକାରାତ୍ମକ ମନେ ହୋଇଥାଏ। ତେବେ ଏଭଳି କ୍ଷେତ୍ରରେ କିଛି ଜରୁରୀ ବାସ୍ତୁଟିପ୍ସ ଫଲୋ କରିବା ଦ୍ୱାରା ଆପଣ ଏଭଳି ସମସ୍ୟା ଠାରୁ ମୁକ୍ତି ପାଇପାରିବେ।



✲ ଆପଣଙ୍କ ଡେସ୍କକୁ ସର୍ବଦା ସଫାସୁତୁରା ରଖନ୍ତୁ। ଅନାବନା ଫାଇଲ, କାଗଜପତ୍ର ଆଦିକୁ ଡେସ୍କ ଉପରେ ନ ରଖି ସେଲ୍ଫରେ ରଖନ୍ତୁ।

✲ ଡେସ୍କ ଉପରେ ଥିବା ଜରୁରୀ କାଗଜ ପତ୍ର, ପେନ୍ ଷ୍ଟାଣ୍ଡ, ଲାପଟପ୍‌କୁ ବ୍ୟବସ୍ଥିତ କରି ରଖନ୍ତୁ।

✲ ଯଦି କମ୍ପ୍ୟୁଟର ବ୍ୟବହାର କରୁଛନ୍ତି ତେବେ ଏହାକୁ ପ୍ରତ୍ୟେକ ଦିନ ସଫା କରିବାକୁ ଯେପରି ନ ଭୁଲନ୍ତି।

✲ ଆପଣ ବସୁଥିବା ସ୍ଥାନଟିରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା ଥିବା ଜରୁରୀ।

✲ ଆପଣଙ୍କ ସିଟ୍ ମଧ୍ୟ ଆରାମଦାୟକ ହେବା ଆବଶ୍ୟକ।

✲ ଡେସ୍କ ଉପରେ ଯେ କୌଣସି ଛୋଟ ଇଣ୍ଡୋର ପ୍ଲାଣ୍ଟ ରଖିପାରିବା କିନ୍ତୁ ଧ୍ୟାନ ରଖିବେ ଯେପର କୌଣସି କଣ୍ଟାଯୁକ୍ତ ଗଛ ନରଖିବେ।

✲ ଡେସ୍କ ନିକଟରେ ପକ୍ଷୀ ବା ଘୋଡାର ଚିତ୍ର ଲଗାଇବା ଦ୍ୱାରା ମଧ୍ୟ ସକାରାତ୍ମକ ଚିନ୍ତାଧାରା ଜାଗ୍ରତ ହୋଇଥାଏ

✲ ଏହାବ୍ୟତୀତ ଆପଣ ଚାହିଁଲେ ଡେସ୍କରେ ଭଗବାନଙ୍କ ଛୋଟ ମୂର୍ତ୍ତି ଅଥବା ଫଟୋ ଲଗାଇପାରିବେ। ଯାହା ଆପଣଙ୍କୁ ସକାରାତ୍ମକ ଉର୍ଜ୍ଜା ପ୍ରଦାନ କରିବାରେ ସାହାଯ୍ୟ କରିବ।

## ବିଶେଷ ଚିଠି

ଛୁଟିଦିନ ତୁମେ
ନ ଆସିଲେ ଦିନେ
ଜମା ଭଲ ଲାଗେ ନାହିଁ,
ସେଥିପାଇଁ ତୁମ
ଆସିବା ବାଟକୁ ରହେ
ଚାତକ ପରାଏ ଚାହିଁ।
ପ୍ରଥମେ ପଢ଼ଇ
ସାଥୀର ଉତ୍ତର
ତା'ପରେ ଗପ, କବିତା
ତୁମେ ହିଁ ଜଣାଅ
କେତେ ନୂଆ ନୂଆ
ଯାତ୍ରା ଆଉ ସିନେମା କଥା।




*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ମୋ ମା'

ଚାଲୁ ଚାଲୁ ଝୁଣ୍ଟି ପଡ଼ିଲେ ଯିଏ କୋଳକୁ ଟାଣିଆଣି ଆଉଁଶି ପକାଏ। ଖାଇବା ସମୟରେ ତଣ୍ଟିରେ ଲାଖିଗଲେ ଯାହାର ହୃଦ୍‌ସ୍ପନ୍ଦନ ବଢ଼ିଯାଏ, ସିଏ ହେଉଛି ମା'। ସନ୍ତାନର ସାମାନ୍ୟ ଯନ୍ତ୍ରଣା ମା' ହୃଦୟରୁ ରକ୍ତ ଝରାଇଦିଏ। ସେଇଥିପାଇଁ ତ ସନ୍ତାନ ଉପରକୁ ଯେବେ ଆସେ କୌଣସି ବିପଦ ଥରିଯାଏ ମା'ର କଳିଜା। ଦୁଇ ବାହୁକୁ ପ୍ରସାରି ସେ ସବୁକୁ ନିଜ ଛାତିରେ ଆବୋରିନିଏ। କାରଣ ସନ୍ତାନ ଭିତରେ ହିଁ ଥାଏ ତା'ର ଜୀବନ...

**ପ୍ରଖର ସ୍ରୋତରୁ ଉଦ୍ଧାର କଲେ ଦୁଇ ସନ୍ତାନଙ୍କୁ-** ୨୦୧୭, ଖରାଦିନର କଥା। ଯାଜପୁର ଜିଲା, ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଏରୋସଣ୍ଡା ଗ୍ରାମର ସସ୍ମିତା ମହାରଣା ବୁଲିବାକୁ ଯାଇଥାଆନ୍ତି ବ୍ରାହ୍ମଣୀ ନଦୀ ଆରପଟେ ଥିବା ବାପଘର ଭଗବାନଭଗତପୁର ଗ୍ରାମକୁ। ସାଙ୍ଗରେ ଥିଲେ ଝିଅ ସ୍ନେହାଶ୍ରୀ ଓ ପୁଅ ମୃତ୍ୟୁଞ୍ଜୟ। ବେଶ୍ ମଜାରେ କଟିଥିଲା ଦିନଗୁଡିକ। ମେ ମାସ ୫ ତାରିଖ, ଶୁକ୍ରବାର ଦିନ ସେ ୨ ସନ୍ତାନଙ୍କୁ ଧରି ବାପଘରୁ ଶାଶୁଘର ଗାଁକୁ ଯିବାକୁ ବାହାରିଲେ। ଆଉ ଅପରାହ୍ନ ପ୍ରାୟ ୫ଟା ବେଳକୁ ଘାଟରେ ପହଞ୍ଚିଲେ। ହେଲେ ବ୍ରାହ୍ମଣୀ ନଦୀରେ ରେଙ୍ଗାଲି ଡ୍ୟାମରୁ ହଠାତ୍ ବୋହି ଆସିଲା ତୀବ୍ର ବେଗରେ ପାଣି। ଫଳରେ ପୂର୍ତ୍ତବିଭାଗର ଖରାଦିନିଆ ଅସ୍ଥାୟୀ ରାସ୍ତା ଧୋଇ ହୋଇଗଲା। ଏ କୂଳରୁ ସେ କୂଳକୁ ଯିବା ପାଇଁ ଯାତ୍ରୀଙ୍କ ହୋସ୍ ଉଡି ଯାଇଥିଲା। ଏପଟେ ସୂର୍ଯ୍ୟ ନଇଁ ଆସୁଥିବା ଦେଖି ସବୁଯାତ୍ରୀ ବିକଳ ହୋଇ ପଡିଥିଲେ। ଏଭଳି ସ୍ଥିତି ଦେଖି ସସ୍ମିତା ବାପଘରକୁ ପୁଣିଥରେ ଫେରିଯିବାକୁ ଭାବି ନେଇଥିଲେ। ହେଲେ ଜେନାପୁର କୂଳରେ ଲାଗିଥିବା ଡଙ୍ଗା ଯାତ୍ରୀଙ୍କୁ ପାର୍ କରିବାକୁ ନିୟୋଜିତ କରାଗଲା। ଏହା ଦେଖି ସେ ଆଶ୍ୱସ୍ତ ହେଲେ। ଆଉ ସେହି ଡଙ୍ଗାରେ ଦୁଇ ଛୁଆଙ୍କୁ ଧରି ବସିଲେ। ସମୟ ପ୍ରାୟ ସାଢେ ୫ଟା ହୋଇଥିବ। ୨୫ଜଣ ଯାତ୍ରୀଙ୍କୁ ନେଇ ଡଙ୍ଗା ନଦୀ ପାର ହେଉଥିବାବେଳେ ହଠାତ୍ ପୁଣିଥରେ ଆହୁରି ଅଧିକ ପାଣି ପ୍ରବାହିତ ହୋଇ ଜଳସ୍ରୋତ ପ୍ରଖର ହୋଇଗଲା। ଡଙ୍ଗା ଟଳମଳ ହେବାକୁ ଲାଗିଲା। ଭୟରେ ସମସ୍ତେ ଭଗବାନଙ୍କୁ ସ୍ମରଣ କରୁଥାଆନ୍ତି। ହେଲେ ଶେଷରେ ଡଙ୍ଗା ବୁଡିଗଲା। ଆଉ ସମସ୍ତ ଯାତ୍ରୀ ପାଣିରେ ଭାସି ଗଲେ। ଜଳସ୍ରୋତ ପ୍ରଖର ଥିଲା। ହେଲେ ପାଣିର ଗଭୀରତା କମ୍ ଥିଲା। ଏଣେ ଘଟଣାକୁ ଦେଖି ଆଖପାଖର କିଛି ଲୋକ ପାଣିକୁ ଡେଇଁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ଫଳରେ ବୟସ୍କ ଲୋକେ କଷ୍ଟେମଷ୍ଟେ ସେମାନଙ୍କ ସହାୟତାରେ ଉଦ୍ଧାର ହୋଇଥିଲେ। କିନ୍ତୁ ଡଙ୍ଗାରେ ଥିବା ସସ୍ମିତାଙ୍କ ଦୁଇ ପିଲା ସହ ହରିପ୍ରିୟା ମହାରଣା ନାମ୍ନୀ ୭ ବର୍ଷର ଝିଅ ଭାସିଗଲେ। ଆଖି ଆଗରେ ପିଲାମାନେ ଭାସି ଯାଉଥିବା ଦେଖି ସସ୍ମିତା କ'ଣ କରିବେ ଭାବି ପାରୁ ନ ଥାଆନ୍ତି। ସେ ବି ଭାସି ଭାସି ଅନେକ କଷ୍ଟ କରି ଦୁଇ ପିଲାଙ୍କୁ ପାଣିରୁ ଟାଣି ଆଣିବାକୁ ସମର୍ଥ ହେଲେ। କିଛିଦୂରରେ ଦେଖିଲେ କୁନି ଝିଅ ହରିପ୍ରିୟା ବି ଭାସୁଛି। ପ୍ରବଳ ସୁଅରେ ଦୁଇ ଛୁଆଙ୍କୁ ଧରି ତା' ପାଖକୁ ଯାଇ ହାତ ବଢାଇ ବଞ୍ଚାଇବାକୁ ଚେଷ୍ଟା କଲେ। ଅନେକ କଷ୍ଟରେ ହାତ ଧରିନେଇଥିଲେ। ହେଲେ କିଛି ସମୟ ପରେ ହାତ ଖସିଗଲା। ହରିପ୍ରିୟା ଭାସିଗଲା। ତାକୁ ଭାସି ଯିବାର ଦେଖି ବହୁତ କଷ୍ଟ ଅନୁଭବ କରିଥିଲେ ସସ୍ମିତା। ଶେଷରେ ନିଜର ଦୁଇ ପିଲାଙ୍କୁ ଧରି ସୁଅକୁ ଚିରି କୂଳରେ ପହଞ୍ଚିଥିଲେ। ଏ ଘଟଣା କଥା ମନେପଡିଗଲେ ସସ୍ମିତାଙ୍କ ରୋମ ଟାଙ୍କୁରି ଉଠେ। ଭଗବାନଙ୍କ ଦୟାରୁ ଦୁଇ ଛୁଆଙ୍କୁ ବଞ୍ଚାଇ ପାରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ବି ଦିଅନ୍ତି। ସସ୍ମିତା କହନ୍ତି, 'ସେଦିନର ଘଟଣାକୁ କେବେବି ଭୁଲି ପାରିବିନି। ନଦୀକୁ ଦେଖିଲେ ମତେ ଏବେ ବହୁତ ଡର ଲାଗେ। ପୁରୁଣା ଘଟଣା ସବୁ ମନେ ପଡିଯାଏ। ସେଦିନ ମୋ ଦୁଇ ଛୁଆଙ୍କୁ ସିନା ବଞ୍ଚେଇ ଦେଲି ହେଲେ ଆଖି ଆଗରେ କୁନି ହରିପ୍ରିୟା ଭାସିଗଲା। ତାକୁ ବଞ୍ଚେଇ ପାରିଲିନି। ସେଥିପାଇଁ ସବୁବେଳେ ଅନ୍ତର କାନ୍ଦେ। ଠାକୁରଙ୍କୁ ପ୍ରାର୍ଥନା କରେ ଏଭଳି ଘଟଣା କାହା ସହିତ ନ ଘଟୁ।' ତେବେ ଏଭଳି ମହା ବିପତ୍ତି ପାଇଁ ସେତେବେଳେ ରେଙ୍ଗାଲି ଡିଭିଜନ ଜଳସେଚନ ବିଭାଗକୁ ଦାୟୀ କରାଯାଇଥିଲା। କାରଣ ସେମାନେ କୌଣସି ସୂଚନା ନ ଦେଇ ଜଳ ନିଷ୍କାସନ କରିଥିଲେ। ସେତେବେଳେ ଯାଜପୁର →



ପୁଅଝିଅଙ୍କ ସହ ସସ୍ମିତା



ଜିଲା ଓ ରେଙ୍ଗାଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଠିକ୍ ଯୋଗାଯୋଗ ବି ହୋଇ ପାରି ନ ଥିଲା। ଏମିତି କି ଡ୍ୟାମ ଜଳ ନିଷ୍କାସନ କରିବା ୨୪ ଘଣ୍ଟା ପୂର୍ବରୁ ମାଇକ୍ ଯୋଗେ ନଦୀ କୂଳରେ ବସବାସ କରୁଥିବା ଗ୍ରାମକୁ ସୂଚନା ଦେବା କଥା। କିନ୍ତୁ ଯାଜପୁର ଜିଲା ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଏହି ଘଟଣାରେ ଏକ ନିଷ୍ପାପ ଶିଶୁର ଜୀବନ ଚାଲି ଯାଇଥିଲା।

**କୁମ୍ଭୀର ମୁହଁରୁ ଟାଣି ଆଣିଲେ ଝିଅକୁ–** ୫୮ ବର୍ଷୀୟା ଦିଓ୍ୱାଲିନେନ ଭଙ୍କର୍ ଝିଅ କାନ୍ତା(୧୯) ସହିତ ଗାଁ ଭଦୋଦରାଠାରୁ ୪୦ କି.ମି. ଦୂରରେ ଅବସ୍ଥିତ ବିଶ୍ୱାମିତ୍ରି ନଦୀକୁ ଯାଇଥାଆନ୍ତି ଲୁଗା ସଫା କରିବାକୁ। ଦୁହେଁ ମିଶି ଲୁଗା ସଫା କରିବା ସମୟରେ ହଠାତ ଜଳ ଭିତରୁ ବାହାରି ଆସିଲା ଏକ ବିଶାଳକାୟ କୁମ୍ଭୀର। ଆଉ ଝାମ୍ପ ମାରିଲା କାନ୍ତା ଉପରକୁ। ତା'ର ଡାହାଣ ଗୋଡକୁ କାମୁଡି ଧରି ଟାଣି ନେଲା ପାଣି ଭିତରକୁ। ଏଭଳି ପରିସ୍ଥିତିରେ କ'ଣ କରିବେ ଜାଣିପାରି ନ ଥିଲେ ଦିଓ୍ୱାଲିନେନ୍। ସେ କେବଳ ଝିଅର ହାତକୁ ଧରି ଟାଣିଲେ। ଆଉ ତାକୁ କୁମ୍ଭୀର ମୁହଁରୁ ବାହାର କରିବାକୁ ଚେଷ୍ଟା କଲେ। ହେଲେ କିଛି ଲାଭ ହେଲା ନାହିଁ। ବରଂ କୁମ୍ଭୀର ଆହୁରି ଜୋର୍‌ରେ ତା'ର ମୁନିଆ ଦାନ୍ତରେ କାନ୍ତାର ଗୋଡକୁ କାମୁଡି ଧରି ପାଣି ଭିତରକୁ ଟାଣି ନେଉଥାଏ। କାନ୍ତା କଷ୍ଟରେ ଚିତ୍କାର କରୁଥାଏ। ପାଣି ଭିତରେ ବୁଡିବା ପ୍ରାୟ ହୋଇଯାଇଥାଏ। ଶେଷରେ ଦିଓ୍ୱାଲିନେନ ହାତରେ ଧରିଥିବା କପଡା ସଫା କରିବା କାଠର ଚଟୁରେ କୁମ୍ଭୀରକୁ ଆକ୍ରମଣ କଲେ। ତା'ର ମୁଣ୍ଡକୁ ପିଟିଲେ। ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ସେ କୁମ୍ଭୀରକୁ ଶକ୍ତ ପ୍ରହାର କରି ଚାଲିଲେ। ଶେଷରେ କୁମ୍ଭୀରଟି କାନ୍ତାର ଗୋଡକୁ ଛାଡି ଦେଲା। ମା'ଝିଅଙ୍କର ଚିତ୍କାର ଶୁଣି ଗାଁ ଲୋକେ ଦୌଡି ଆସିଲେ ନଦୀ କୂଳକୁ। ସେତେବେଳକୁ ଦିଓ୍ୱାଲିନେନ୍‌ଙ୍କ ସାହସିକତା ପାଇଁ କାନ୍ତା କୁମ୍ଭୀର ମୁହଁରୁ ବର୍ଞ୍ଚି ଯାଇଥାଏ। ସେମାନେ କାନ୍ତାକୁ ଡାକ୍ତରଖାନା ନେଇଗଲେ। କାନ୍ତାଙ୍କର କ୍ଷତ ବିଶେଷ ଗଭୀର ନ ଥିଲା। ତେଣୁ ଡାକ୍ତର କହିଲେ ସେ ଖୁବ୍‌ଶୀଘ୍ର ଭଲ ହୋଇଯିବେ। ଏହି ଘଟଣାଟି ଥିଲା ୨୦୧୫ ମସିହାର। ଦିଓ୍ୱାଲିନେନ୍ କହନ୍ତି, ''ଏହି ନଦୀ ବିପଜ୍ଜନକ ହେବା କଥା ଜାଣି ସତ୍ତ୍ୱେ ଆମେ ଏଠାକୁ ଆସୁ କପଡା ସଫା କରିବା ପାଇଁ। କାରଣ ଆମ ଗାଁରେ ପାଣିର ଘୋର ଅଭାବ। ବିଦ୍ୟୁତ ବି ନାହିଁ। ତେବେ ଏହି ଘଟଣା ପରଠାରୁ ଆଉ କେବେ ଏଠାକୁ ଆସିବୁ ନାହିଁ।''

**ଜୀବନ ଦେଇ ସନ୍ତାନକୁ ଜୀବିତ ରଖିଲେ–** ୧୨ ମେ ୨୦୦୮ରେ ଚାଇନାର ସିଚୁଆନ ପ୍ରାନ୍ତଟି ଭୂମିକମ୍ପରେ ସମ୍ପୂର୍ଣ୍ଣ ଦୋହଲି ଯାଇଥିଲା। ବହୁ କ୍ଷୟକ୍ଷତି ସହ ଅନେକ ଜୀବନ ଚାଲିଗଲା। ତେବେ ୧୭ ମେ ୨୦୧୧ରେ ଜିନହୁଆ–ପିପୁଲ୍ସ ଡେଲି ଖବରକାଗଜ ଏହି ଘଟଣାକୁ ନେଇ ଉପସ୍ଥାପନ କରିଥିଲା ଏକ ହୃଦୟସ୍ପର୍ଶୀ ଆଲେଖ୍ୟ, ଯେଉଁଥିରେ ଥିବା ଏକ ମା'ର ତ୍ୟାଗର କାହାଣୀ ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଥିଲା। ଏଠାକାର ବେଇଚୁଆନ୍‌ରେ ଭୂମିକମ୍ପର ପ୍ରଭାବ ଥିଲା ଅଧିକ ଶକ୍ତିଶାଳୀ। ଘରଦ୍ୱାର ଭାଙ୍ଗି ଧ୍ୱଂସ ହୋଇଯାଇଥିଲା। ଅନେକ ଜୀବନ ହାନି ଘଟି ଚାରିଆଡ ଶ୍ମଶାନ ପାଲଟି ଯାଇଥିଲା। ଉଦ୍ଧାରକାରୀ ଭାଙ୍ଗିଯାଇଥିବା ଘରୁ ମୃତଦେହ ସାଉଁଟୁଥିଲେ। ଭଗ୍ନାବଶେଷରୁ ଜୀବିତଙ୍କୁ ବି ଉଦ୍ଧାର କରୁଥିଲେ। ତେବେ ଏକ ବିଲ୍ଡିଂର ଭଗ୍ନାବଶେଷ ଆଡଉ ଆଡଉ ଏକ ଫାଙ୍କରୁ ଉଦ୍ଧାରକାରୀମାନେ ଦେଖିଲେ ଜଣେ ମହିଳା ନଇଁପଡି ଆଣ୍ଠୁକୁ ତଳେ ରଖି ଛାତି ଆଗକୁ ଲଗାଇ ବସି ମୃତ୍ୟୁବରଣ କରିଛନ୍ତି। ଏଭଳି ଦୃଶ୍ୟ ଦେଖି ସେମାନଙ୍କ ଦେହ ଶିହରି ଉଠିଲା। ଆଉ ସେମାନେ ଆଗକୁ ଚାଲିଗଲେ। ହେଲେ କିଛି ଆଗକୁ ଯାଉ ଯାଉ ସେହି ସ୍ଥାନରୁ କିଛି ଶବ୍ଦ ଶୁଣି ପୁଣି ଫେରିଲେ। କେହି କାଳେ ବଞ୍ଚିଥିବେ ଭାବି ସେଠି ଉଦ୍ଧାର କାର୍ଯ୍ୟ ଆରମ୍ଭ କଲେ। ଶେଷରେ ଯାହା ଦେଖିଲେ ସମସ୍ତେ ତଟସ୍ଥ ହୋଇଗଲେ। ଅଜବ ଢଙ୍ଗରେ ବସି ମୃତ୍ୟୁବରଣ କରିଥିବା ସେହି ମହିଳାଙ୍କ ତଳୁ ଏକ ଛୋଟିଆ ଶିଶୁକୁ ପାଇଲେ, ଯାହା ଦେହରେ ନ ଥିଲା ସାମାନ୍ୟ କ୍ଷତ। ଆଉ ପିଲାଟି ଏକ କମ୍ବଳରେ ଘୋଡି ହୋଇ ରହିଥିଲା। ତା' ମଧ୍ୟରେ ଥିଲା ଏକ ମୋବାଇଲ୍ ଫୋନ୍। ମୋବାଇଲ୍ ଖୋଲି ଦେଖିବାକୁ ପାଇଲେ ଏକ ମେସେଜ୍। ସେଥିରେ ଲେଖାଥିଲା– 'ପ୍ରିୟର ସନ୍ତାନ, ଯଦି ତୁମେ ବଞ୍ଚିଯାଅ, ସବୁବେଳେ ମନେରଖିବ ଯେ ମୁଁ ତୁମକୁ ବହୁତ ଭଲପାଏ।' ସେହି ଆଲେଖ୍ୟରେ ପ୍ରାୟ ତିନି ମାସର ସେହି ଛୁଆକୁ ଜଣେ ଉଦ୍ଧାରକାରୀ ଧରିଥିବାର ଫଟୋ ବି ପ୍ରକାଶ ପାଇଥିଲା। ଏହି ଆଲେଖ୍ୟକୁ ପଢିବା ପରେ ସେହି ମା'ର ତ୍ୟାଗ ଓ ମହାନତାକୁ ସାରା ଦୁନିଆ ପ୍ରଶଂସା କରିଥିଲା। କେହି କେହି ଏହି ଘଟଣାକୁ ସନ୍ଦେହ ନଜରରେ ଦେଖିଥିଲେ।

**ନିଆଁରୁ ଉଦ୍ଧାର କରିବା ପାଇଁ ପୁଅକୁ ଛାତିରେ ଚାପି ଧରି ବାଲକୋନୀରୁ ପଛୁଆ ଡେଇଁ ପଡିଲେ ମା'–**ମାସାଚୁସେଟ୍‌ସ, ହାଭର୍‌ହିଲ୍‌ର ଏକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସର ଦ୍ୱିତୀୟ ମହଲାରେ ଦେଢ ବର୍ଷର ପୁଅ କ୍ୟାମରୋନ୍ ସହ ରହୁଥିଲେ ୨୩ ବର୍ଷୀୟା କ୍ରିଷ୍ଟିନା ସିମୋଏସ୍। ବେଶ୍ ହସଖୁସିରେ ବିତୁଥାଏ ମା'ପୁଅଙ୍କର ଦିନ ସବୁ। ହେଲେ ହଠାତ୍ ତାଙ୍କ ଜୀବନକୁ ଆସିଲା ଏଭଳି ଏକ ବିପତ୍ତି, ଯାହା କବଳରୁ ବର୍ତ୍ତିବା ଥିଲା ଅସମ୍ଭବ ପ୍ରାୟ। ଦିନେ ତାଙ୍କ ଆପାର୍ଟମେଣ୍ଟରେ ନିଆଁ ଲାଗିଯାଇଥାଏ। ଆଉ ଏ ସମ୍ପର୍କରେ ଅବଗତ ହେବା ବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ନିଆଁ ଚାରିଆଡେ ବ୍ୟାପି ସାରିଥାଏ। ତାଙ୍କ କୋଠରିକୁ ନିଆଁ ମାଡି ଆସିବା ସହ ଧୂଆଁମୟ ହୋଇ ଯାଇଥାଏ। ଘରୁ ବାହାରକୁ ଯିବାର କୌଣସି ରାସ୍ତା ନ ଥିଲା। ନିଜ ମୃତ୍ୟୁ ପାଇଁ ତାଙ୍କର ଭୟ ନ ଥିଲା। ହେଲେ ସାଙ୍ଗରେ ଥିଲା ଦୁନିଆକୁ ଭଲରେ ଦେଖି ନ ଥିବା ତାଙ୍କର ଛୁଆଟି। ତାକୁ ବଞ୍ଚାଇବାକୁ କ'ଣ କରିବେ କିଛି ଭାବି ପାରିଲେ ନାହିଁ। ଶେଷରେ ନେଲେ ଏକ ଚରମ ନିଷ୍ପତ୍ତି, ଯେଉଁଥିରେ ଥିଲା ତାଙ୍କ ଜୀବନ ପ୍ରତି ବିପଦ। ନିଆଁରୁ ବଞ୍ଚିବାକୁ ହେଲେ ତାଙ୍କୁ ବାଲକୋନୀରୁ ତଳକୁ ଡେଇଁବାକୁ ହେବ। କିନ୍ତୁ ଏମିତି କିଛି କରିବାକୁ ହେବ ଯେମିତି କି ପିଲାର କୌଣସି କ୍ଷତି ହେବ ନାହିଁ। ଶେଷରେ ସେ ପୁଅକୁ ଛାତିରେ ଚାପି ଧରି ଦୁଇ ମହଲାରେଥିବା ତାଙ୍କ ଘରର ବାଲକୋନୀରୁ ତଳକୁ ପଛପଟୁଆ ହୋଇ ଡେଇଁ ପଡିଲେ। ଫଳରେ ତାଙ୍କ ପଛଭାଗ ମୁଣ୍ଡ ଓ ମେରୁଦଣ୍ଡରେ ଲାଗିଲା ଶକ୍ତ ଆଘାତ। ହେଲେ ପୁଅର କୌଣସି କ୍ଷତି ହୋଇ ନ ଥାଏ। ତଳେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ସମୟରେ ବି ସେ ପୁଅକୁ କହିଲେ ନିଆଁଠାରୁ ଦୂରରେ କୌଣସି ନିରାପଦ ସ୍ଥାନକୁ ଚାଲି ଯିବାକୁ। ଆଉ ନିଜେ ଘୋଷାଡି ହୋଇ ନିଆଁଠାରୁ ଦୂରେଇ ହୋଇ ପଡି ରହିଲେ। କିଛି ସମୟ ପରେ କିଛି ଲୋକ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନା ନେଇଗଲେ। ଆଘାତ ଯୋଗୁ ସେ ପକ୍ଷାଘାତର ଶିକାର ହୋଇଗଲେ। ଡାକ୍ତର କହିଲେ ସେ ଆଉ କେବେ ଚାଲି ପାରିବେ ନାହିଁ। ଏସବୁ ଜାଣିବା ସତ୍ତ୍ୱେ ତାଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳୁଥିଲା। ସେ ହସୁଥିଲେ, ପୁଅ ସହ ଖେଳିବାକୁ ଚେଷ୍ଟା କରୁଥିଲେ। ସେ ଏଇଥିପାଇଁ ଖୁସି ଥିଲେ ଯେ, ପୁଅ ଭଲରେ ଥିଲା। ଏଭଳି ବିପତ୍ତି ସମୟରେ ଯଦି ସେହି ଭଗବାନଙ୍କୁ ଆଦରି ରହିଥାଆନ୍ତେ, ତେବେ ଦୁହେଁ ଜଳି ମୃତ୍ୟୁବରଣ କରିଥାଆନ୍ତେ। କିନ୍ତୁ ତାଙ୍କର ଏଭଳି ପଦକ୍ଷେପ ଯୋଗୁ ପୁଅର କିଛି କ୍ଷତି ହେଲାନାହିଁ। ଆଉ ସେ ବି ବଞ୍ଚିଛନ୍ତି। କ୍ରିଷ୍ଟିନାଙ୍କ ଉପରେ ଅନେକ ଅସ୍ତ୍ରୋପଚାର ହେଲା। ଚିକିତ୍ସା ଜାରି ରଖାଗଲା। ଡାକ୍ତର ହାର ମାନିଯାଇଥିବାବେଳେ କ୍ରିଷ୍ଟିନା କିନ୍ତୁ ବିଶ୍ୱାସ ରଖିଥିଲେ ସେ ସୁସ୍ଥ ହେବେ। ଶେଷରେ ସେ ଧୀରେ ଧୀରେ ସୁସ୍ଥ ହେବାକୁ ବି ଲାଗିଲେ। ଯଦିଓ ସମ୍ପୂର୍ଣ୍ଣଭାବେ ସୁସ୍ଥ ହୋଇ ଆଗଭଳି ଚଲାବୁଲା କରିବା ସମ୍ଭବ ହୋଇ ପାରି ନାହିଁ। ସମସ୍ତେ ତାଙ୍କ ସାହସିକତାକୁ ପ୍ରଶଂସା କଲେ। 'ହିରୋ'ର ଆଖ୍ୟା ଦେଲେ। ହେଲେ କ୍ରିଷ୍ଟିନା କହନ୍ତି, ''ହିରୋ ହେବା ପାଇଁ ମୁଁ ଏଭଳି କରି ନ ଥିଲି। କେବଳ ଏକ ସାଧାରଣ ମା'ଭଳି ନିଜ ପୁଅକୁ ବଞ୍ଚାଇବାର ପ୍ରୟାସ କରିଥିଲି।''

ସନ୍ତାନ ଆଖିରୁ ଲୁହ ଝରିଲେ ମା' ଦେହରୁ ଲହୁ ଝରିଥାଏ। ସେଇଥିପାଇଁ ତ ଯେବେ ତାରି ଆଖି ଆଗରେ ସନ୍ତାନ ଆଡକୁ ମାଡି ଆସେ ମହାବିପତ୍ତି, ସେ ବା କେମିତି ସହି ପାରନ୍ତା। ଜୀବନକୁ ବାଜି ଲଗାଇ ତା'ସହିତ ମୁକାବିଲା କରେ। ସବୁ କଷ୍ଟକୁ ହସି ହସି ସହି ଯାଇ ସନ୍ତାନକୁ ଦିଏ ଏକ ନୂଆ ଜୀବନ।

**–ଶିବାନୀ**

**ହର୍ଷବର୍ଦ୍ଧନ ବେହେରା**



କ୍ରିଷ୍ଟିନା ସିମୋଏସ୍



ଭୂମିକମ୍ପରୁ ଉଦ୍ଧାର ଶିଶୁ





ଦିଓ୍ୱାଲିନେନ ଭଙ୍କର୍



କାନ୍ତା



# କୁଲ୍ ଜୁସ୍

**ଖରାଦିନ ଆସିଲେ ଗରମ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ହାଲ୍‌କା ପୋଷାକ ପରିଧାନ କରିବା ସହ ଛାଇରେ ରହିବାକୁ ଇଚ୍ଛା କରିଥାନ୍ତି। ଆଉ କେହି କେହି ଖରାଜନିତ ଚର୍ମରୋଗରୁ ମୁକ୍ତି ପାଇବାକୁ ଦେହରେ ବହୁ ଦାମୀ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି। ଏହାଦ୍ୱାରା ଶରୀରର ବାହ୍ୟଅଂଶ ସିନା ଥଣ୍ଡା ହୋଇଯାଏ, କିନ୍ତୁ ଅନ୍ତଃଭାଗକୁ ଶୀତଳତା ପ୍ରଦାନ ପାଇଁ କିଛି ପ୍ରାକୃତିକ ଥଣ୍ଡା ପାନୀୟ ବା ଜୁସ୍‌ର ଆବଶ୍ୟକତା ପଡ଼ିଥାଏ, ଯାହା ସମରରେ ବି ଶରୀରକୁ କୁଲ୍ ଫିଲିଙ୍ଗ୍ସ ଦେଇଥାଏ...**





**ସପୁରି ଜୁସ୍‌:** ସପୁରିରେ ଭରି ରହିଥିବା ଭିଟାମିନ୍ସ ଓ ମିନେରାଲ୍ସ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସହାୟକ ହୋଇଥାଏ। ତେଣୁ ଖରାଦିନେ ଏହି ଜୁସ୍ ପିଇବା ଶରୀର ପକ୍ଷେ ହିତକର। ତା’ଛଡ଼ା ଏଥିରେ ଏମିତି ବି କିଛି ଗୁଣ ଭରି ରହିଛି, ଯାହା ହଜମ କ୍ରିୟାକୁ ବି ସକ୍ରିୟ କରିଥାଏ।

**କଞ୍ଚା ଆମ୍ବ ଜୁସ୍‌:** କଞ୍ଚା ଆମ୍ବରେ ମଧ୍ୟ ଏମିତି କିଛି ତତ୍ତ୍ୱ ଭରି ରହିଛି, ଯାହାର ଜୁସ୍ ପିଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହିବା ସହ ଖରାଦିନିଆ ଚର୍ମରୋଗରୁ ବି ମୁକ୍ତି ମିଳିଥାଏ। କଞ୍ଚା ଆମ୍ବର ଚୋପା ଓ ଟାକୁଆକୁ କାଢିଦେବା ପରେ ଖାଲି ଆମ୍ବକୁ ସାମାନ୍ୟ ସିଝାଇ ସେଥିରେ ସ୍ୱାଦାନୁଯାୟୀ ଲୁଣ, ଚିନି ଓ କିଛି ପୁଦିନା ପତ୍ର ଏବଂ ଟିକେ ଜିରାଗୁଣ୍ଡ ପକାଇ ଏହି ଜୁସ୍ ତିଆରି କରିପାରିବେ।

**ତରଭୁଜ ଜୁସ୍‌:** ତରଭୁଜରେ ସୁଗାର, ଫାଇବର, ଭିଟାମିନ୍ସ ତଥା ମିନେରାଲ୍ସର ମାତ୍ରା ଭରି ରହିଥାଏ। ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ପେଟ ପୂରିବା ସହ ଶରୀର କୁଲ୍ ରହିଥାଏ। ତା’ ସଙ୍ଗେସଙ୍ଗେ ସୁସ୍ୱାସ୍ଥ୍ୟ ମଧ୍ୟ ମିଳିଥାଏ।

**ଅଙ୍ଗୁର ଜୁସ୍‌:** ଏହି ଜୁସ୍ ଖୁବ୍ ପୁଷ୍ଟିକର। ଏହାକୁ ପିଇଲେ ଶରୀରକୁ ଭିଟାମିନ୍ସ, ମିନେରାଲ୍ସ ଓ ସୁଗାର ମିଳିଥାଏ। ତା’ଛଡ଼ା ଏହି ଜୁସ୍ ଅନ୍ତଃପାର୍ଶ୍ୱରୁ ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ। ଖରାଦିନେ ତଣ୍ଟି ଶୁଖିଗଲା ପରି ଲାଗୁଥିଲେ, କିଛି ଅଙ୍ଗୁର ନେଇ ତାକୁ ଭଲଭାବେ ଗ୍ରାଇଣ୍ଡିଂ କରି ସେଥିରେ ଟିକେ ଚିନି ଓ ସ୍ୱାଦାନୁଯାୟୀ ଲୁଣ ମିଶାଇ ପିଇଲେ ବେଶ୍ ଆରାମ ଲାଗେ।

**ଲିଚି ଜୁସ୍‌:** ଭିଟାମିନ୍ସ, ମିନେରାଲ୍ସ ତଥା ଡାଇଜେଷ୍ଟିଭ୍ ଫାଇବର୍ସର ଷ୍ଟୋର୍ ହାଉସ୍ ଭାବେ ଜଣାଶୁଣା ଲିଚି ଶରୀର ପାଇଁ ଖୁବ୍ ହିତକର। ଖାସ୍‌କରି ଖରାଦିନେ ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଗରମ ଦାଉରୁ ଟିକେ ଆରାମ ମିଳିଥାଏ। ଚର୍ମରୋଗରୁ ମୁକ୍ତି ପାଇଁ ମଧ୍ୟ ଏହି ଜୁସ୍ ବେଶ୍ ଉପକାରୀ।

**ଡାଳିମ୍ବ ଜୁସ୍‌:** ଡାଳିମ୍ବ ହେଉଛି ଏମିତି ଏକ ଫଳ, ଯାହା ଖାଇବାକୁ ସ୍ୱାଦିଷ୍ଟ ଲାଗିବା ସହ ଶରୀର ପାଇଁ ବେଶ୍ ହିତକର ହୋଇଥାଏ। ଏହି ଫଳରେ ଆଇରନ୍‌ର ମାତ୍ରା ରହୁଥିବାରୁ ଏହା ଶରୀର ପାଇଁ ନାଚୁରାଲ୍ ଏନର୍ଜି ଟନିକ୍ ଭାବେ କାମ କରିଥାଏ। ତା’ଛଡ଼ା ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ।

**ଆପ୍ରିକଟ୍ ଜୁସ୍‌:** ଏଥିରେ ବହୁ ସ୍ୱାସ୍ଥ୍ୟୋପଯୋଗୀ ଗୁଣ ଭରି ରହିଛି। ଖାସ୍‌କରି ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ମସ୍ତିଷ୍କ ତଥା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସେହିପରି ଚର୍ମରୋଗ ତଥା କେଶ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଅନ୍ୟଦିନ ଅପେକ୍ଷା ଖରାଦିନେ ଏହାର ଜୁସ୍ ପିଇଲେ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ଶରୀରକୁ ଅନ୍ତଃଭାଗରୁ ଥଣ୍ଡା ପ୍ରଦାନ କରିଥାଏ।









# ଅନୁଭବୀ ସ୍ରଷ୍ଟା



ବିଶ୍ୱ ସାହିତ୍ୟ ଜଗତର ଏକ ପରିଚିତ ନାମ ଆଲବର୍ଟ କାମ୍ୟୁ। ସେ ଏକାଧାରରେ ଜଣେ ଲେଖକ, ସାମ୍ବାଦିକ ଓ ଦାର୍ଶନୀକ। ନିଜର ଅଭିଜ୍ଞତା ଓ ଅନୁଭୂତିକୁ ନେଇ ସେ ତାଙ୍କର ସାହିତ୍ୟ ସୃଷ୍ଟି କରିଥିଲେ। ସେଥିଲାଗି ତାଙ୍କୁ ଜଣେ ଅନୁଭବୀ ସ୍ରଷ୍ଟା ବୋଲି କୁହାଯାଇଥାଏ। ୧୯୫୭ ମସିହାରେ କାମ୍ୟୁଙ୍କୁ 'ନୋବେଲ୍ ପୁରସ୍କାର' ମିଳିଥିଲା। ମଣିଷର ବିବେକବୋଧ କିଭଳି ନଷ୍ଟ ହୋଇଚାଲିଛି କାମ୍ୟୁ ତାହା ଉପରେ ଅଧିକ ଆଲୋକପାତ କରିଥିଲେ। ଫ୍ରେଞ୍ଚ ଭାଷାରେ ଲିଖିତ ତାଙ୍କ ସାହିତ୍ୟ ସବୁକୁ ଗୋଟିଏ ଗୋଟିଏ ମାଇଲ୍‌ଖୁଣ୍ଟ ବୋଲି କୁହାଯାଇଥାଏ।

**ହେତୁବାଦର ପ୍ରବକ୍ତା:** କାମ୍ୟୁଙ୍କ ସାହିତ୍ୟର ମୂଳଭୂମି ଥିଲା 'ହେତୁବାଦ। ହେତୁବାଦକୁ ନେଇ ବହୁ ଗପ ତଥା ଉପନ୍ୟାସ ରଚନା କରିଥିଲେ ଯାହା ତାଙ୍କୁ ବିଶ୍ୱରେ ପ୍ରସିଦ୍ଧ କରିଦେଇଥିଲା। ତାଙ୍କ ସାହିତ୍ୟ ସେହିସବୁ ମଣିଷଙ୍କ କଥା କହୁଥିଲା ଯେଉଁମାନେ ସମାଜକୁ ଏକ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। ସମାଜ ପାଇଁ ସେମାନେ ଥିଲେ ଜଣେଜଣେ ଏଲିଅନ୍। ଦାର୍ଶନୀକ ତଥା କଥାକାର ସାର୍ତ୍ତ ଥିଲେ ତାଙ୍କର ଘନିଷ୍ଠବନ୍ଧୁ। ସେ ମଧ୍ୟ ଥିଲେ କାମ୍ୟୁଙ୍କ ପରି ହେତୁବାଦୀ। ପୁଣି କାମ୍ୟୁ ସାର୍ତ୍ତଙ୍କ ଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲେ। ସେହିଭଳି କାମ୍ୟୁଙ୍କୁ ପ୍ରଭାବିତ କରିଥିବା ଆଉଜଣେ ଲେଖକ ହେଉଛି ଫ୍ରାନ୍‌ଜ କାଫ୍‌କା।

**ଜନ୍ମ :** କାମ୍ୟୁଙ୍କର ଜନ୍ମ ୧୯୧୩ ମସିହା ନଭେମ୍ବର ମାସ ୭ ତାରିଖରେ। ସ୍ଥାନ ହେଉଛି ଆଲଜେରିଆ। ତାଙ୍କ ପରିବାର ଥିଲେ ଏକ ଶରଣାର୍ଥୀ ପରିବାର। ୧୯୬୨ ପରେ ସେମାନଙ୍କୁ ନାଗରିକତ୍ୱର ପ୍ରମାଣପତ୍ର ମିଳିଥିଲା। କାମ୍ୟୁଙ୍କ ବାପା ଲୁସିଏନ୍ କାମ୍ୟୁ ଜଣେ କୃଷକ ଥିଲେ। ତାଙ୍କର ଆର୍ଥିକ ଅବସ୍ଥା ସେତେବେଶି ସ୍ୱଚ୍ଛଳ ନଥିଲା। କାମ୍ୟୁଙ୍କୁ ଗୋଟିଏ ବର୍ଷ ହୋଇଥିବା ବେଳେ ବାପାଙ୍କର ପରଲୋକ ଘଟିଥିଲା। କାରଣ ଥିଲା ପ୍ରଥମ ବିଶ୍ୱଯୁଦ୍ଧ। ବାପାଙ୍କ ମୃତ୍ୟୁ ପରେ ଆର୍ଥିକ ଦୁରବସ୍ଥା ଅତି ଦୟନୀୟ ହୋଇ ଉଠିଥିଲା। ସେଥିଲାଗି କାମ୍ୟୁଙ୍କୁ ବହୁ କଷ୍ଟ କରି ପାଠ ପଢ଼ିବାକୁ ହୋଇଥିଲା। ଆଲଜାଇରସ୍‌ରେ ପାଠ ପଢ଼ିଥିଲେ କାମ୍ୟୁ। ପାଠପଢ଼ିବା ସହିତ ଫୁଟବଲ ବି ଖେଳୁଥିଲେ ସେ। ପୁଣି ପରିବାର ଚଳେଇବା ପାଇଁ ତାଙ୍କୁ ପାଠ ପଢ଼ିବା ସହିତ ରୋଜଗାର ବି କରିବାକୁ ପଡୁଥିଲା।









**ପରିବାର :** କାମ୍ୟୁଙ୍କର ପ୍ରଥମ ପତ୍ନୀଙ୍କ ନାମ ସାଇମନ୍ ହାଓ୍ୱି। ବିବାହର କିଛିଦିନ ଭଲରେ କଟିଥିଲା। ମାତ୍ର କାମ୍ୟୁଙ୍କ ଜୀବନ ଥିଲା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଓ ଘଟଣାବହୁଳ। ଗପ, ଉପନ୍ୟାସ, ସାମ୍ବାଦିକତା, ଥିଏଟର, ସାମାଜିକ ସଂଘର୍ଷ ଆଦିକୁ ନେଇ କାମ୍ୟୁ ଏତେ ବ୍ୟସ୍ତ ରହୁଥିଲେ ଯେ, ସାଇମନ୍‌ଙ୍କୁ ସମୟ ଦେବା ତାଙ୍କ ପାଇଁ ସମ୍ଭବ ନଥିଲା। ଅତଏବ ସାଇମନ୍ ଓ ତାଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଗଲା। ପରେ ସେ ବିବାହ କଲେ ଫ୍ରାନ୍‌ସାଇନ୍ ଫାୟୁରୋଙ୍କୁ। ଏହି ବିବାହ ଏକ ପ୍ରେମ ବିବାହ ଥିଲା। ତେଣୁ ଏହା ସଫଳ ହୋଇଥିବା କୁହାଯାଏ।

**ଜୀବନରୁ ଆରମ୍ଭ ସାହିତ୍ୟ :** କାମ୍ୟୁଙ୍କ ସାହିତ୍ୟ ଆରମ୍ଭ ହୋଇଥିଲା ତାଙ୍କ ଜୀବନରୁ। ଅର୍ଥାତ୍ ସେ ଜୀବନରୁ ହିଁ ତାଙ୍କ ସାହିତ୍ୟ ପାଇଁ କଞ୍ଚାମାଲ ସଂଗ୍ରହ କରିଥିଲେ। ବର୍ଷକର ହୋଇଥିବା ବେଳେ ବାପାଙ୍କ ଦେହାନ୍ତ, ସେ ନିଜେ ଯକ୍ଷ୍ମାରୋଗର ଶିକାର, ପ୍ରଥମ ବିବାହ ବିଫଳ ଆଦି ଘଟଣା କାମ୍ୟୁଙ୍କୁ ପରିପକ୍ୱ କରିଥିଲା। ଆଉ ସେସବୁ ହିଁ ପରବର୍ତ୍ତି ପର୍ଯ୍ୟାୟରେ ତାଙ୍କୁ ସାହିତ୍ୟ ସର୍ଜନା କରିବା ପାଇଁ ଅନୁପ୍ରେରିତ କରିଥିଲା। ୧୯୪୫ରେ ଘଟିଥିଲା ହିରୋସୀମା ନାଗାସାକୀ ବିପର୍ଯ୍ୟୟ। ଯାହା କାମ୍ୟୁଙ୍କୁ ଗଭୀର ଭାବରେ ନୈରାଶ୍ୟର ବଳୟ ମଧ୍ୟକୁ ଟାଣି ନେଇଥିଲା। ମଣିଷ ଯେ କିଭଳି ମାନସିକ ସଂକଟର ସାମ୍ନା କରୁଛି ଆଉ ମଣିଷ ଭିତରକୁ ଦିନକୁଦିନ କିଭଳି ମାନବିକତାର ଅପମୃତ୍ୟୁ ଘଟୁଛି ତାହାକୁ ନେଇ ଗଭୀର ଭାବରେ ବ୍ୟଥିତ ହୋଇଉଠିଥିଲେ କାମ୍ୟୁ। ତାଙ୍କ ସାହିତ୍ୟରେ ଦେଖିବାକୁ ମିଳୁଥିବା ପ୍ରଚ୍ଛନ୍ନ ନୈରାଶ୍ୟବୋଧର ଏହି ସବୁ କାରଣ ବୋଲି କ୍ରିଟିକ୍‌ମାନେ ମତବ୍ୟକ୍ତ କରନ୍ତି।

**ବନ୍ଧୁତା ଓ ବିଦ୍ରୋହ :** କାମ୍ୟୁ ଥିଲେ ସ୍ପଷ୍ଟବାଦୀ ଓ ନିର୍ଭୀକ। ସେ ଯାହା କହୁଥିଲେ ମୁହଁ ଉପରେ କହୁଥିଲେ ଆଉ ସ୍ପଷ୍ଟ ଭାବରେ କହୁଥିଲେ। ଏପରିକି ସରକାରଙ୍କ ବିରୋଧରେ କହିବାକୁ ମଧ୍ୟ ପଛଘୁଞ୍ଚା ଦେଉ ନଥିଲେ। ଠିକ୍ ଏଭଳି ଏକ ସମୟରେ ତାଙ୍କର ବନ୍ଧୁତା ଗଢ଼ିଉଠିଥିଲା ହେତୁବାଦର ଅନ୍ୟତମ ପ୍ରବକ୍ତା ସାର୍ତ୍ତଙ୍କ ସହିତ। ସେ ଦୁଇଜଣ ଥିଲେ ପରସ୍ପରର ପ୍ରଶଂସକ ଓ ସମାଲୋଚକ। କୁହାଯାଏ ସାର୍ତ୍ତଙ୍କ ସହ ବନ୍ଧୁତା ସ୍ଥାପନ ହେବା ପରେ କାମ୍ୟୁ ଖାଲି ନିର୍ଭୀକ କିମ୍ବା ସ୍ପଷ୍ଟବାଦୀ ହୋଇ ଉଠି ନଥିଲେ ; ଅଧିକନ୍ତୁ ତାଙ୍କ ଭିତରେ ବିଦ୍ରୋହୀ ଭାବର ଝଲକ ମଧ୍ୟ ଦେଖା ଦେଇଥିଲା। ମାତ୍ର ୪୬ ବର୍ଷ ବୟସରେ ଏହି ମହାନ ପ୍ରତିଭାଧାରୀ ଲେଖକଙ୍କର ପରଲୋକ ଘଟିଥିଲା। ସେହିଦିନଟି ଥିଲା ୧୯୬୦ ମସିହା ଜାନୁଆରୀ ୪ ତାରିଖ। ଏହି ଦିନ ଏକ ଗାଡ଼ି ଦୁର୍ଘଟଣାରେ କାମ୍ୟୁ ସବୁଦିନ ଲାଗି ଆଖି ବୁଜି ଦେଇଥିଲେ।

## ପୁସ୍ତକ ସମୀକ୍ଷା

### ଶକୁନ୍ତଳା



କବି : ଡ. ନୀଳମଣି ପରିଡ଼ା

ମୂଲ୍ୟ : ୧୦୦/-

ବିଜୟିନୀ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ହୋଇଛି କବିତା ସଂକଳନ 'ଶକୁନ୍ତଳା'। ଏହି ସଂକଳନର କବି ହେଉଛନ୍ତି ଡ. ନୀଳମଣି ପରିଡ଼ା। ସଂକଳନର ପ୍ରଥମ କବିତା 'ବସନ୍ତ'। କବିତାଟିର ପ୍ରଥମ ପାରାଗ୍ରାଫ୍‌ଟିକୁ ପଢ଼ାଯାଉ। 'ରକ୍ତ ଏତେ ପ୍ରଚୁର ଯେ/ମୁଁ ତାକୁ ଜିମା ଦେଇଦେବି ଚନ୍ଦ୍ରମଲ୍ଲିକା ହାତରେ/ତା'ର ପାପ ଦୋଚାରୁଣୀପଣ ମତେ ଜଣାଅଛି/ ମୁଁ କେମିତି ତାକୁ ବେଦଖଲ କରିପାରନ୍ତି/ତା' ଅଧିକାରରୁ।' ଖୁବ୍ ସୁନ୍ଦର ଭାବ ତଥା ସାବଲୀଳ ଶବ୍ଦରେ ରଚିତ ଏହି କବିତାଟି ଯେତିକି ମୁଗ୍ଧକର ସେତିକି ଅର୍ଥଦ୍ୟୋତକ। ସଂକଳନସ୍ଥ ପ୍ରତ୍ୟେକ କବିତା ପଠନୀୟ।

### ଖଜୁରୀ ବଣର ଝୁଲା



କବି : ରଞ୍ଜୁଲତା ବେହେରା

ମୂଲ୍ୟ : ୧୦୦/-

କବି ରଞ୍ଜୁଲତା ବେହେରାଙ୍କ ଦ୍ୱାରା ରଚିତ କବିତା ସଂକଳନ 'ଖଜୁରୀ ବଣର ଝୁଲା' ଆମର ହସ୍ତଗତ ହୋଇଛି। ଜ୍ଞାନଜ୍ୟୋତି ସାହିତ୍ୟ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ସଂକଳନଟି ଏକ ଶିଶୁ କବିତା ସଂକଳନ। କୁନିକୁନି ସରଳମତି ଶିଶୁମାନଙ୍କର ମାନସିକତା ତଥା ସେମାନଙ୍କ ସୁକୁମାରପଣକୁ ଉପଲବ୍ଧିକୁ ନେଇ କବିତାଗୁଡ଼ିକୁ ରଚନା କରିଛନ୍ତି କବି। ପୁଣି ପ୍ରତ୍ୟେକ କବିତାରେ ଭରିଦେଇଛନ୍ତି ସାଙ୍ଗୀତିକତାର ମଧୁ ଯାହା ଶିଶୁମାନଙ୍କୁ ଆକୃଷ୍ଟ କରିବ ହିଁ କରିବ। ଭାଷାର ଘଟାଟୋପ ନାହିଁ। ମାତ୍ର ଶିକ୍ଷଣୀୟ କଥାରେ ଭରପୂର ଏହି ସଂକଳନ।

### ଗୁମର କଥା



କବି : ଲୋଚନ ବେହେରା

ମୂଲ୍ୟ : ୧୦୦/-

'ଗୁମର କଥା' ହେଉଛି ଏକ ବ୍ୟଙ୍ଗ କବିତା ସଂକଳନ। ଏହାର ପ୍ରଣେତା ହେଉଛନ୍ତି ଲୋଚନ ବେହେରା। ୪୨ଟି କବିତାକୁ ନେଇ ପ୍ରସ୍ତୁତ ଏହି ସଂକଳନଟିକୁ ପ୍ରକାଶ କରିଛନ୍ତି ସୁବର୍ଣ୍ଣଶ୍ରୀ ପ୍ରକାଶନୀ। ପ୍ରଥମ କବିତାର ଶୀର୍ଷକ 'ଚାକିରି କିଂ କାର୍ଯ୍ୟଂ ଯଦି ନାସ୍ତି ଉପୁରି'। କବିତାର କେତେଗୋଟି ପଙ୍‌କ୍ତିକୁ ଉଦ୍ଧାର କରାଯାଉ। 'ତାଙ୍କ ସ୍ତିରୀ ନାକଟେକି ଟିଟିକାରୀ ମାରି/କହେ ତାଙ୍କ ବାବୁ ନିତି କରନ୍ତି ଉପୁରି/ନିତି ନୂଆ ଶାଢ଼ି ନୂଆ ଗହଣା ପିନ୍ଧଇ/ଘରେ ଚାକରାଣୀ ତା'ର କାମ କରେ ରହି।' ଏଇଭଳି ପ୍ରତିଟି କବିତାରେ ରହିଛି ସମାଜ, ମଣିଷ ଆଉ ମାନସିକତା ପ୍ରତି ବ୍ୟଙ୍ଗ ପୁଣି ଗୋଟେ ସୁସ୍ଥ ସମାଜ ଗଠନର ସ୍ୱପ୍ନ।

# ଏମିତି ମା'

–ଡ. ଫକୀର ମୋହନ ନାହାକ

ସେ ତିନିଜଣଙ୍କୁ ଦେଖିଲେ ଲାଗୁଥିଲା ଯେମିତି ସେମାନେ କାଳ କାଳରୁ ଏ ଗାଁରେ ଅଛନ୍ତି । ଗାଁର ବୁଢ଼ୀ ଠାକୁରାଣୀ ଆଉ ବୁଢ଼ା ବରଗଛ ଭଳି ସେମାନେ ବି ଜୀବନ୍ତ ଜୀବାଶ୍ମ ପାଲଟି ଯାଇଛନ୍ତି ଏ ଗାଁରେ । ହଁ କୁଆଡ଼େ ବା ଯାଇଥାନ୍ତେ ? ଝିଅ ଜନମ ପରଘରକୁ । ସେଇଥିପାଇଁ ତ କଅଁଳ ବୟସରେ ନୂଆ ଜୀବନ ଗଢ଼ିବାକୁ ଏମାନେ ଏ ଗାଁକୁ ଆସିଥିଲେ । ଭଗବାନ ସବୁ ଦେଲେ । ସୁଖ, ଦୁଃଖ, ସଂସାର, ସନ୍ତାନ ଆଉ ସମ୍ପତ୍ତି, କେଉଁଥିରେ ବି କମ୍ ନ ଥିଲେ ସେମାନେ । ମଙ୍ଗୁଳି, ବୁଧେଇ ଆଉ ସୋମ୍ବାରୀ .. ବଡ଼ ବିଚିତ୍ର ଏମାନଙ୍କ ନାଁ । ବୋଧେ ସେ ସମୟରେ ବାପାମା'ଙ୍କୁ ଆଉ କିଛି ନାଁ ମିଳୁ ନ ଥିଲା । ସେଥିପାଇଁ ସାତ ବାରର ନାଁରେ ପିଲାମାନଙ୍କୁ ନାଁ ଦେଉଥିଲେ ବୋଧେ । ମଙ୍ଗୁଳିର ତିନି ତିନିଟା ଭେଣ୍ଡା ପୁଅ । ବୁଧେଇ ଅମାପ ସମ୍ପତ୍ତିର ମାଲିକାଣୀ । ତା'ର ବି ତିନି ତିନିଟା ପୁଅ । ହେଲେ ସୋମ୍ବାରୀର ଗୋଟିଏ ପୁଅ । ସେଇ ପୁଅ ପାଇଁ କେତେ ବ୍ରତ ଉପବାସ କରିଥିଲା ସେ । ହେଲେ ଏବେ ପୁଅ ପଚାରୁନି । ଭେଣ୍ଡା ନାତି ଟୋକା ଦିଟା ବୁଢ଼ୀକୁ ବାଡ଼େଇ ଘରୁ କାଢ଼ି ଦେଇଛନ୍ତି । ବାରଣ୍ଡାରେ ଶୀତ କାକରରେ ଶୋଉଛି ସୋମ୍ବାରୀ ।

ତିନିଜଣ ଯାକ ବିଧବା । ସ୍ୱାମୀ ମଲାଦିନଠୁ ପିଲାମାନେ ଠିକ୍ ଭାବେ ପଚାରୁ ନାହାନ୍ତି । ସେଦିନ ଗାଁକୁ ଗଲାବେଳେ ବାଟରେ ସୋମ୍ବାରୀକୁ ଦେଖିଲି । ମୋତେ ଭିଡ଼ି ଧରି ଖୁବ୍ କାନ୍ଦିଲା । ପଚାରୁ ପଚାରୁ ଜାଣିଲି, ତା'ର ଦୁଇଜଣ ଯାକ ସାଙ୍ଗ ତାକୁ ଏକା କରିଦେଇ ଚାଲିଯାଇଛନ୍ତି । ଲୋଳିତ ଚର୍ମ, ଠିକ୍ ଭାବେ ଚାଲି ପାରୁନି ସେ । ତଥାପି ଖୋଜୁଛି ତା' ସାଙ୍ଗମାନଙ୍କୁ । ବୁଧେଇକୁ ଭଲ ଶୁଭୁ ନ ଥିଲା । କେହି ଗୋଟାଏ ବାଲୁଙ୍ଗା ପିଲା ମୋଟରସାଇକେଲ ଲଗାଇ ତାକୁ ମାଡ଼ କରିଦେଇଥିଲା । ପୁଅମାନେ କେହି ପଚାରିଲେନି । ଶେଷରେ ବୁଢ଼ୀ ଆଖିବୁଜିଲା । ଆଉ ମଙ୍ଗୁଳି କିଛିଦିନ ହେଲା ସବୁ କିଛି ଭୁଲିଯାଉଛି । ଖାଇଛି ନ ଖାଇଛି, ତା'ର କିଛି ମନେରହୁନି । ଅଧ ରାତିରେ ଘରୁ ଉଠି କୁଆଡ଼େ ଯାଇଛି ଯେ, ତା'ର ଆଉ କିଛି ଖୋଜ ଖବର ନାହିଁ ।

କାଳେ ଲୋକେ କିଛି କହିବେ ସେଥିପାଇଁ ପୁଅମାନେ ଦୁଇ ତିନି ଦିନ ଖୋଜାଖୋଜି କରିଛନ୍ତି । ହେଲେ ମଙ୍ଗୁଳିର ଖବର ନାହିଁ । ବୁଢ଼ୀ ଲୋକ, ଠିକ୍ ଭାବେ ଆଖିକୁ ଦିଶୁନି । କୁଆଡ଼େ ଗଲା, କ'ଣ ହେଲା କେହି ଜାଣି ନାହାନ୍ତି । ମଙ୍ଗୁଳି ଓ ବୁଧେଇ ଯିବା ପରେ ଏବେ ସୋମ୍ବାରୀ ଏକା ଏକା ଜିଉଛି ।

ଏଇ ତିନିଜଣ ଯାକ ମା' ନିଜ ପିଲାମାନଙ୍କ ଦ୍ୱାରା ଉପେକ୍ଷିତ ହେଲା ପରେ ବି, କେବେ କାହା ଆଗରେ ନିଜ ପିଲାଙ୍କ ବିରୋଧରେ କିଛି କହିନାହାନ୍ତି । ବରଂ ହାତୀ ବନସ୍ତରେ ଥିଲେ ବି ରାଜାର ନ୍ୟାୟରେ ଏମାନେ ନିଜ ପିଲାଙ୍କ ମଙ୍ଗଳ ମନାସିଛନ୍ତି ।

ସେଦିନ ରାତିରେ ସୋମ୍ବାରୀ ବାରଣ୍ଡାରୁ ଓହ୍ଲାଇ ନ ପାରି ଲୁଗାରେ ପରିସ୍ରା କରିଦେଲା ବୋଲି ତା' ପୁଅ, ନାତି ସମସ୍ତେ ମିଶି ତାକୁ ନାହିଁ ନ ଥିବା ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ବି ମାରିଛନ୍ତି । ଗାଁର ଅନ୍ୟଲୋକମାନେ ଦୌଡ଼ି ଯାଇ ବୁଢ଼ୀକୁ ସେମାନଙ୍କ କବଳରୁ ବଞ୍ଚାଇଛନ୍ତି । ତଥାପି ମା'ମନ, ସମ୍ଭାଳୁଛି କେଉଁଠି । ସେଥିପାଇଁ ତ ତା' ପରଦିନ ଦି ପହରରେ ମୁଁ ଘରୁ ବାହାରି ତରତର ହୋଇ ବସ୍ ଧରିବା ପାଇଁ ଗାଁ ଛକ ଆଡ଼କୁ ଗଲାବେଳେ ସୋମ୍ବାରୀ ପୁଣି ମୋ ହାତ ଧରି ପଚାରୁଛି, ହଇରେ ବାପ, ତୁ ମୋ ପୁଅକୁ ଦେଖିଲୁ କି ? ମୁଁ ପଚାରିଲି କାଇଁ କ'ଣ ହେଲା କି ? ସେ କହିଲା, ନାଇଁ ସକାଳ ପହରୁ କୁଆଡ଼େ ଯାଇଛି ଯେ, ଏ ଯାଏ ଆସିନି । କିଛି ଖାଇନି ମୋ ପିଲା । କୁଆଡ଼େ ଗଲା କେଜାଣି ? ମୋ ପାଖରେ ଆଉ କୌଣସି ଉତ୍ତର ନ ଥିଲା । ମୁଁ କେବଳ ସୋମ୍ବାରୀ ମୁହଁରେ ସେ ବ୍ୟଗ୍ରତାକୁ ଦେଖୁଥିଲି । ଆଉ ନିଜକୁ ବାରମ୍ବାର ପଚାରୁଥିଲି, କ'ଣ ସତରେ ମା' ଏତେ ଉଦାର ହୋଇପାରେ ? କି ଉପାଦାନରେ ଗଢ଼ା ସିଏ ?

*–ଆସୋସିଏଟ୍ ପ୍ରଫେସର*
*ୟୁଆଇଏମଏସ୍, ଚଣ୍ଡୀଗଡ଼ ୟୁନିଭରସିଟି*
*ମୋହାଲି, ପଞ୍ଜାବ*



# ଭଲପାଅ ବୋଲି

–ଖଗେଶ୍ୱର ଖଣ୍ଡୁଆଳ

ତମେ
ଭଲପାଅ ବୋଲି
ନିଃସର୍ତ୍ତରେ ସମର୍ପି ଦେଲି
ଜୀବନର ପ୍ରତିଟି ମୁହୂର୍ତ୍ତ
ତମ ଆବେଗଠୁ ଅଭିମାନ
ହସଠୁ ଲୁହ
ସବୁ ଆପଣାର କଲି ।
ଆଉ କ'ଣ ଯେ,
ବାକି ରହିଲା ପୁଣି
ଏତେ ଦିନ ପରେ କହୁଛ
ତମ ଦ୍ୱାରା କିଛି
ହୋଇ ପାରିବନି ବୋଲି ।

*– ଅରିଲୋ, ସୋମପୁର, କଟକ*

# ତୁମ ଛବି

–ସ୍ୱର୍ଣ୍ଣପ୍ରଭା ବାରିକ୍

ମୋ ସାମ୍ନା କାନ୍ଥରେ ଟଙ୍ଗା ଯାଇଥିବା ଛବି
ଯାହାର ବି ହେଉନା କାହିଁକି
ସେ ବେଳେ ବେଳେ କଥା କହେ, ହସୁଥାଏ,
ଲୁହ ବି ଝରାଏ, ଦୁଃଖ ମଧ୍ୟ ଥାଏ
ବିରାଟ ବଡ଼ ଅଟ୍ଟାଳିକା ପ୍ରସ୍ତର ପ୍ରସ୍ତର –
ଗଳ୍ପ ଓ କବିତା, କେହି ଭଲ ଲାଗନ୍ତି ନାହିଁ
ଆଖି ଖୋଜେ ତୁମକୁ ଅତି ନିକଟରେ ପାଇବା ପାଇଁ,
ହସ୍ତ ବଢ଼ାଇ ଶିହରି ଉଠେ, ଆତ୍ମା, ଦେହ ଓ ମନ,
ପାଇବାର ସ୍ୱପ୍ନ ପଳାଶ ଫୁଲ ପରି ମଉଳିଯାଏ
ଘନ ଅନ୍ଧକାର ବକ୍ଷରେ ତୁମର ଅତୀତକୁ
ବାର ବାର ରୋମନ୍ଥନ କରେ ।
କରୁଣ ନୟନର ଚାହାଣି, ଖୋଜି ବୁଲେ ତୁମ ଛବି,
ମନ, ମସ୍ତିଷ୍କ ସବୁ ପଥଭ୍ରଷ୍ଟ
ତଥାପି ତୁମେ ଛବି ପରି ମୋ ହୃଦୟରେ
କାନ୍ଥରେ, କବିତାରେ, ଗଳ୍ପରେ ଅଛ ଓ ରହିବ,
ସଜ ଗୋଲାପଟି ପରି, ଦୁଃଖରେ ମୁଣ୍ଡ ଲାଗେ ଭାରି ଭାରି
ରାତ୍ରି ଆଗତ ଚେତାଇ ଦିଏ ଜଗୁଆଳି
ନିଦ ନାହିଁ ମୋ ଆଖିରେ କାହିଁ କେଉଁ ଦିନୁ ଯାଇଅଛି ମରି ।

*–ଏନ୍.ଏଚ୍. କଲୋନୀ*
*ତିନିମୁହାଣି, କେନ୍ଦ୍ରାପଡ଼ା*

# ଭୁଲିପାରୁନାହାନ୍ତି ପରିଣିତି

ପରିଣିତି ଚୋପ୍ରା ଏବେ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। କଥା କ'ଣ କି ଏଥିରେ ତାଙ୍କୁ ଏକ ଷ୍ଟଣ୍ଟ ଶଟ୍ ଦେବାର ଥିଲା। ପ୍ରଥମେ ଏଭଳି ଶଟ୍ ଦେବାକୁ ସେ ଅମଙ୍ଗ ହେଉଥିଲେ। ତା'ପରେ ନିର୍ଦ୍ଦେଶକ ଡମି ସାହାଯ୍ୟରେ ଏହାର ଶୁଟିଂ ଶେଷ କରିବାକୁ ସ୍ଥିର କରିଥିଲେ। ହେଲେ ତା' ପରଦିନ ପରିଣିତି ନିଜ ମତ ବଦଳାଇ ଷ୍ଟଣ୍ଟ ଶଟ୍ ଦେବେ ବୋଲି କହିଥିଲେ। ଷ୍ଟଣ୍ଟ ଶଟ୍‌ରେ ସେ ଏକ ଚଳନ୍ତା ଗାଡ଼ିରୁ ଡେଇଁବାର ଥିଲା। ସାହସର ସହ ପରିଣିତି ଶଟ୍ ଦେଇଥିଲେ। ଯାହାହେଉ ମାତ୍ର ୩-୪ଟି ଶଟ୍‌ରେ ନିର୍ଦ୍ଦେଶକ 'ଓକେ' କହିଥିଲେ। ହେଲେ ଶଟ୍ ଦେବା ସମୟରେ ପରିଣିତିଙ୍କ ପାଦରେ ସାମାନ୍ୟ ଆଘାତ ଲାଗିଥିଲା। ହେଲେ ତାହାକୁ ଖାତିର ନ କରି ସେ ଶଟ୍ ଦେଇଥିଲେ। ଆଉ ଏଭଳି ଷ୍ଟଣ୍ଟ ଶଟ୍ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେ କହି ବୁଲୁଛନ୍ତି।



# ହସରେ..ହସରେ..

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଲକ୍ଷ୍ମୀ ରାଇ। ନିଜ ହସ ପାଇଁ ଏମିତି ହଟହଟା ହେବାକୁ ପଡ଼ିବ ତାହା ସେ କେବେ କଳ୍ପନାକରି ନ ଥିଲେ। ନିକଟରେ ଲକ୍ଷ୍ମୀ ଚେନ୍ନାଇରେ ଏକ ବୁଟିକ୍ ଉଦ୍‌ଘାଟନ କରିବାକୁ ଯାଇଥିଲେ। ଉଦ୍‌ଘାଟନ ପର୍ବ ଶେଷ ହେବା ପରେ ପ୍ରଶଂସକମାନଙ୍କ ସହ ହସି ହସି କିଛି ସମୟ ବିତାଇଥିଲେ। ଆଉ ତା' ଭିତରେ ଆରମ୍ଭ ହୋଇଯାଇଥିଲା ଅଟୋଗ୍ରାଫ ସେସନ। ବାସ୍, ପ୍ରଶଂସକମାନଙ୍କ ସହ ସହାସ୍ୟ ବଦନରେ କଥା ହେଉ ହେଉ ଅଟୋଗ୍ରାଫ ଦେଉଥାଆନ୍ତି ଲକ୍ଷ୍ମୀ। ତା' ଭିତରେ କେତେବେଳେ ଯେ ଦେଢ଼ଘଣ୍ଟା ବିତିଗଲାଣି ଜାଣିପାରି ନ ଥିଲେ ସେ। ଅଟୋଗ୍ରାଫ ଦେଉ ଦେଉ ତାଙ୍କର ମନେ ପଡ଼ିଗଲା ଯେ ତାଙ୍କୁ ଶୁଟିଂ ଶେଟ୍‌ରେ ପହଞ୍ଚିବାକୁ ପଡ଼ିବ। ହେଲେ ସେତେବେଳକୁ ସେଠାରେ ପହଞ୍ଚିବା ସମୟ ଘଣ୍ଟାଏ ଗଡ଼ିଯାଇଥିଲା। ତଥାପି ଲକ୍ଷ୍ମୀଙ୍କ ମୁହଁରୁ ହସ ଲିଭୁ ନ ଥାଏ। ଅଟୋଗ୍ରାଫ ପର୍ବ ଶେଷ ହେବା ପରେ ସେ ସେଠାରୁ ବିଦାୟ ନେଇଥିଲେ।


ଲକ୍ଷ୍ମୀ

# ଆହାନାଙ୍କ ନୂଆ ଯୋଜନା

ନବାଗତା ଆହାନାଙ୍କୁ ବ୍ରେକ୍ ମିଳିଥିଲା ଓଡ଼ିଆ ସିନେମା 'ଭୈରବ'ରେ। ଯଦିଓ ପିଲାଟି ଦିନରୁ ଡ୍ୟାନ୍ସ ସହ ଜଡ଼ିତ ଥିଲେ ହେଲେ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାର ସ୍ୱପ୍ନ ମଧ୍ୟ ଦେଖିଥିଲେ। ଶେଷରେ ଗତବର୍ଷ ତାଙ୍କର ଏହି ଆଶା ପୂରଣ ହେଲା। ପ୍ରଭାତ କୁମାର ପ୍ରଧାନ ଏବଂ ଶିଶିର କୁମାର ଦାସଙ୍କ ପ୍ରଯୋଜିତ 'ଭୈରବ'ରେ ତାଙ୍କୁ ମିଳିଥିଲା ନାୟିକା ଭୂମିକା। ନିଜର କ୍ୟାରିୟର ସମ୍ପର୍କରେ ସେ କହନ୍ତି, ''ଓଡ଼ିଆ ସିନେମାରେ ଅଭିନୟ କରିବା ମୋ ପାଇଁ ଅକସ୍ମାତ୍ ଥିଲା। କାରଣ ହଠାତ୍ ମୋତେ ଏହି ଅଫର ମିଳିଲା ଏବଂ କାହାଣୀ ମୋତେ ବେଶ୍ ପ୍ରଭାବିତ କରିଥିଲା। ପ୍ରଥମ ଫିଲ୍ମରୁ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିଛି। ମୋ ଅଭିନୀତ ଦ୍ୱିତୀୟ ଫିଲ୍ମ 'ବ୍ଲାକ୍‌ମେଲ୍' ମଧ୍ୟ ରିଲିଜ ହୋଇଛି। ହେଲେ ମୋ ଆକ୍ଟିଂ କ୍ୟାରିୟରକୁ ନେଇ ମୁଁ ବେଶ୍ ସିରିୟସ। ମାପିଚୁପି ପାଦ ପକାଇବି। ୟା' ଭିତରେ ମୋତେ କେତୋଟି ଅଫର ମିଳିଛି ଆଉ ସେଗୁଡ଼ିକୁ ନେଇ ତର୍ଜମା କରୁଛି। ଭଲ କାହାଣୀ, ଭୂମିକାକୁ ସବୁବେଳେ ଗୁରୁତ୍ୱ ଦେବି। ମୁଁ ପ୍ରତିଯୋଗିତାରେ କେବେ ବିଶ୍ୱାସ କରେନା। ଯଦି ଜଣେ ଅଭିନୟକୁ ସୁନ୍ଦର ଭାବରେ ନିଭାଇପାରିଲା ତେବେ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ।'' ଗୋଟିଏ ପଟେ ପାଠପଢ଼ା ଏବଂ ଅନ୍ୟପଟେ ଅଭିନୟ-ଏହି ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଇଚାଲିଛନ୍ତି ଏମ୍‌ବିଏ ଛାତ୍ରୀ ଆହାନା। ତେବେ ଓଡ଼ିଆ ସିନେମାରେ ସେ ଆଗକୁ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଆହାନା

# ନାୟକ ହେବ ଏମିତି

ରଣବୀର ସିଂଙ୍କ ହାତରେ ଏବେ ସମୟ ନାହିଁ। ହାତରେ ବ୍ୟାକ୍-ଟୁ-ବ୍ୟାକ୍ ଅଫର ରହିଛି। ତା' ଭିତରେ ସେ ସାଙ୍ଗମାନଙ୍କ କଥାକୁ ମନେରଖିଛନ୍ତି। ଶୁଟିଂରୁ ବ୍ରେକ୍ ମିଳିଲେ ସେ ତାଙ୍କର କେତେଜଣ କ୍ଲୋଜ୍ ସାଙ୍ଗଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିବେ ବୋଲି କହିଥିଲେ। ଯେହେତୁ ରଣବୀରଙ୍କ ହାତରେ ବର୍ତ୍ତମାନ ସମୟ ନାହିଁ, ତେଣୁ ତାଙ୍କର ସାଙ୍ଗମାନେ ତାଙ୍କୁ ଏକଥା ମନେ ପକାଇଦେବାକୁ କୁଣ୍ଠାବୋଧ କରୁଥିଲେ। ହେଲେ ତା' ଭିତରେ ରଣବୀର ନିଜ ତରଫରୁ ଫୋନ୍ କରି ସାଙ୍ଗମାନଙ୍କୁ ଡିନର ପାର୍ଟିରେ ଯୋଗଦେବାକୁ ମନେପକାଇ ଦେଇଥିଲେ। ବାସ୍, ନିର୍ଦ୍ଦିଷ୍ଟ ଦିନ ଡିନର ପାର୍ଟିର ସେମାନେ ମଜା ନେଇଥିଲେ। ଯଦିଓ ପାର୍ଟି ଆରମ୍ଭରୁ ତାଙ୍କର ସହଧର୍ମିଣୀ ଦୀପିକା ଉପସ୍ଥିତ ନ ଥିଲେ ହେଲେ ଅଧଘଣ୍ଟାଏ ଭିତରେ ସେ ସେଠାରେ ପହଞ୍ଚିଯାଇଥିଲେ। ଥଟ୍ଟାମଜା ସାଙ୍ଗକୁ ନାଚଗୀତର ଆସର ଜମି ଥିଲା। ବିଳମ୍ବିତ ରାତିରେ ଡିନର ଶେଷକରି ସେମାନେ ପରସ୍ପରଠାରୁ ବିଦାୟ ନେଇଥିଲେ।


ରଣବୀର

# କାରଣ ଖୋଜୁଛନ୍ତି ଶାହରୁଖ

ଦିନ ଥିଲା-ତାଙ୍କୁ ନେଇ ବଲିଉଡ୍ ଉଠୁଥିଲା ପଡୁଥିଲା। ହିନ୍ଦୀ ସିନେମା ଜଗତରେ ସେ କିଛିବର୍ଷ ଧରି ରାଜୁତି କରିଥିଲେ। ହେଲେ ଏବେ ବେଳକାଳ ଭଲ ନାହିଁ । ଯେଉଁ ଡାଳ ଧରୁଛନ୍ତି ତାହା ଭାଙ୍ଗିଯାଉଛି। ଫିଲ୍ମଗୁଡ଼ିକ ଲଗାତର ଫ୍ଲପ୍ ହେଉଛି। କ'ଣ ପାଇଁ ଏପରି ହେଉଛି ତାହାର କାରଣ ଖୋଜିପାଉନାହାନ୍ତି ସେ। ହଁ, ସେ ହେଲେ ଶାହରୁଖ ଖାଁ। ଏ ବିଷୟରେ ଶାହରୁଖ କହନ୍ତି, ''ସମୟ କାହା ଅଧୀନରେ ନ ଥାଏ। ଦିନ ଥିଲା ଦର୍ଶକ ମୋ ସିନେମା ଦେଖିବାକୁ ପାଗଳ ହୋଇଯାଉଥିଲେ। ହେଲେ ଗତ କିଛିବର୍ଷ ହେଲା ଭାଗ୍ୟ ମୋତେ ସାଥ୍ ଦେଉନି। ଫିଲ୍ମଗୁଡ଼ିକ ଲଗାତର ଫ୍ଲପ୍ ହେଉଛି। ତଥାପି ମୋ ପ୍ରଶଂସକଙ୍କ ହୃଦୟରେ ମୋ ସ୍ଥାନ ସେମିତି ଅଛି ବୋଲି ଭାବୁଛି। କାରଣ ସେମାନଙ୍କ ସ୍ନେହ, ପ୍ରେମ ପାଇଁ ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।''


ଶାହରୁଖ

# ମୌନବ୍ରତ ଅନ୍ତରାଳେ..

ଦିଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କାରଣ କ'ଣ ଜାଣନ୍ତି ? ସେ ଏବେ ମୌନବ୍ରତ ଅବଲମ୍ବନ କରିଛନ୍ତି। ଅତି ଜରୁରୀ ପଡ଼ିଲେ ପଦେ ଅଧେ କଥା ହେଉଛନ୍ତି। ନିଜ କ୍ୟାରିୟରକୁ ନୂଆ ମୋଡ଼ ଦେବା ପାଇଁ ସେ ଏହି ନୂଆ ତରିକା ଆପଣେଇଛନ୍ତି ବୋଲି ଆଲୋଚନା ହେଉଛି। ନିକଟରେ ସେ ଜଣେ ଜ୍ୟୋତିଷଙ୍କ ନିକଟକୁ ଯାଇଥିଲେ। ତାଙ୍କ ପରାମର୍ଶ ଅନୁସାରେ ସେ କୁଆଡ଼େ କିଛି ସପ୍ତାହ ଏପରି ମୌନବ୍ରତ କରିବେ। ଏ ସମ୍ପର୍କରେ ସଫେଇ ଦେଇ ଦିଶା କହନ୍ତି, ''ମୋର ଏପରି ମୌନବ୍ରତ ପଛରେ ସେପରି କିଛି ଗୂଢ଼ ରହସ୍ୟ ନାହିଁ। ଜଣେ ଜ୍ୟୋତିଷ ମୋତେ କିଛି ସପ୍ତାହ ମୌନବ୍ରତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ମୋତେ ମାନସିକ ଶାନ୍ତି ମିଳୁଛି। କେତେକ କାରଣରୁ ମୁଁ ଏବେ ଟେନ୍‌ସନରେ ଅଛି। ଏହାର ସମାଧାନ କିପରି କରିହେବ ସେ ନେଇ ଜ୍ୟୋତିଷଙ୍କୁ ପଚାରିବା ପରେ ସେ ମୋତେ ଏପରି ବାଟ ଆପଣେଇବାକୁ କହିଥିଲେ। ଏହାକୁ ନେଇ ଅନେକ ଲୋକ ଅନେକ ପ୍ରକାର କଥା କହୁଛନ୍ତି। ହେଲେ ତା'ପଛରେ ଆଦୌ ସତ୍ୟତା ନାହିଁ।''


ଦିଶା

# ଅଦିନ ମେଘକୁ ଭରସା ନାହିଁ, ଚୋରା ପୀରତିକୁ ଲଗାମ ନାହିଁ

**ପ୍ରଶ୍ନ**–କୁହାଯାଏ, ଚୋରା ପୀରତି ମଜା ନିଆରା। ହେଲେ ତା’ ମାୟାରେ ପଡ଼ି ମୁଁ ତ୍ରିଶଙ୍କୁ ପରି ଝୁଲି ରହିଛି। ଏଥିରୁ କିପରି ମୁକ୍ତି ପାଇବି ?

*–ରୋନକ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର :** ଅଦିନ ମେଘକୁ ଭରସା ନାହିଁ କି ଚୋରା ପୀରତିକୁ ଲଗାମ ନାହିଁ। ଚୋରା ପୀରତି ଆରମ୍ଭରୁ ଭାରି ମଜା ଲାଗେ। ହେଲେ ଏଥିରେ ଅସଲ ପ୍ରେମର ସ୍ୱାଦ ନ ଥାଏ। କାରଣ ଏହାର ମୂଳ ହିଁ ହୁଗୁଳା। ତେଣୁ ସେଭଳି ମରୀଚିକା ପଛରେ ପଡ଼ିଲେ ତ୍ରିଶଙ୍କୁ ପରି ଝୁଲି ରହିବା ହିଁ ସାର। ସେଥିପାଇଁ ପ୍ରଥମେ ସେଭଳି ପ୍ରେମକୁ ମନରୁ ଦୂର କରନ୍ତୁ। ନିଜେ ଚେଷ୍ଟାକଲେ ହିଁ ସେଥିରୁ ମୁକୁଳିପାରିବେ। ନ ହେଲେ ସେମିତି ମଝିରେ ଠିଆହୋଇ ସେଥିରୁ ମୁକ୍ତି ପାଇବାକୁ ଚିତ୍କାର କରୁଥିବେ।

**ପ୍ରଶ୍ନ**–ଜଣେ ଝିଅ ମୋତେ ହସି ହସି ‘ଆଇ ଲଭ୍ ୟୁ’ କହିଲା। ତା’ପରେ ମୋ ପଟରୁ ଗ୍ରୀନ୍ ସିଗ୍‌ନାଲ ଦେବା ପରେ ଆମ ଭିତରେ ପୂରା ଦମ୍‌ରେ ପ୍ରେମ ଚାଲିଛି। ହେଲେ ସେ ଝିଅ ଏବେ ଆଉ ଜଣେ ପୁଅକୁ ଭଲ ପାଉଛି ବୋଲି ଶୁଣୁଛି। ସେପରି ପ୍ରେମିକା ସହ ସମ୍ପର୍କ ରଖିବା ଠିକ୍ କି ?

*–ସନ୍ତୋଷ କୁମାର, ବାଲେଶ୍ୱର*

**ଉତ୍ତର :** ଶୁଣାକଥାରେ ବିଶ୍ୱାସ କମ୍ ଥାଏ। ଯଦି ତାକୁ ଆପଣ ଗ୍ରହଣ କରୁଛନ୍ତି ଆଉ ନିଜ ମନର ମାନସୀକୁ ସନ୍ଦେହ ଆଖିରେ ଦେଖୁଛନ୍ତି ତେବେ ସେପରି କଥାରେ କେତେ ସତ୍ୟତା ରହିଛି ତାହା ପ୍ରଥମେ ଅନୁସନ୍ଧାନ କରନ୍ତୁ। କାରଣ ପ୍ରେମ ଏଭଳି ଏକ ଜିନିଷ ଯାହା ଉପରୁ ଥରେ ବିଶ୍ୱାସ ତୁଟିଗଲେ ପୁଣି ଥରେ ତାହା ଦୃଢ଼ ହେବା ପ୍ରାୟ ସମ୍ଭବ ହୋଇ ନ ଥାଏ। ତେଣୁ ଏ ସମୟରେ ଆପଣ କେଉଁ ପ୍ରକାର ଗେମ୍ ଖେଳିବେ ତାହା ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ମୁଁ ଏବେ କଲେଜ ଛାତ୍ର। ପ୍ରେମ କରିବାକୁ ମନ କୁତୁକୁତୁ ହେଉଛି। ହେଲେ କାହା ସହ ଦିଲ୍ ଯୋଡ଼ିବି ଜାଣିପାରୁନାହିଁ।

*–ପ୍ରଦୀପ ନନ୍ଦ, କେନ୍ଦ୍ରାପଡ଼ା*

**ଉତ୍ତର :** ଇଏ ପରା ପ୍ରେମ ଇନିଂସ ଆରମ୍ଭ କରିବାର ପ୍ରକୃତ ବୟସ, ତେଣୁ ମନ କୁତୁକୁତୁ କେମିତି ନ ହେବ କହୁନାହାନ୍ତି ? ତେଣୁ ବେଳକାଳ ଦେଖି ମନଲାଖି ସୁନ୍ଦରୀ ସହ ବହି ଫିଟ୍ କରିଦିଅନ୍ତୁ। ଆଉ ତା’ପରେ ବାସ୍, ପ୍ରେମ ଦୁନିଆରେ ଭାସି ବୁଲନ୍ତୁ। ହେଲେ ଜୋସ୍‌ମେଁ ହୋସ୍ ମତ୍ ଖୋନା।

**ପ୍ରଶ୍ନ**–ପ୍ରେମକୁ ନେଇ ମୋ ମନରେ ଅନେକ ସ୍ୱପ୍ନ। ସେଗୁଡ଼ିକୁ କବିତା ରୂପ ଦେବାକୁ ଚାହୁଁଛି। ହେଲେ ସମ୍ଭବ ହେଉନି। କ’ଣ କରିବି ?

*–ହରିହର ଦାଶ, ଆଳି, କେନ୍ଦ୍ରାପଡା*

**ଉତ୍ତର :** ଗୋଟିଏ ହା ତରେ କ’ଣ ତାଳି ବାଜେ ? ପ୍ରଥମେ ନିଜ ମନ ସହ ଆଉ ଏକ ମନକୁ ଯୋଡ଼ନ୍ତୁ। ମନଲାଖି ଯୋଡ଼ି ମିଳିଲେ ସିନା ଆପଣଙ୍କ ସ୍ୱପ୍ନରେ ଉଙ୍କି ମାରୁଥିବା ପ୍ରେମ କବିତାଗୁଡ଼ିକ ଅସଲ ରୂପ ନେବେ। ତେଣୁ ପ୍ରଥମେ ପରମାନେଣ୍ଟ ପ୍ରେମିକା ସନ୍ଧାନରେ ବାହାରି ପଡ଼ନ୍ତୁ ନା !




ପ୍ରଥମ ରୋଜଗାର



## ପ୍ରଥମ ଦରମା ଟଙ୍କାରେ ତାରିଣୀଙ୍କ ଫଟୋ କିଣିଥିଲି

ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀର ସମ୍ପାଦକ ତଥା ଗାଳ୍ପିକ **ସୁଶାନ୍ତ କୁମାର ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ବାଣପୁରରେ ମୋର ଜନ୍ମ। ନାରାୟଣ ମାନସିଂହ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ଗୋଦାବରୀଶ ମହାବିଦ୍ୟାଳୟରେ ପଢ଼ିଥିଲି। ସେଠାରୁ ସାଇକୋଲୋଜି ଅନର୍ସରେ ଗ୍ରାଜୁଏଶନ ପଢ଼ା ସରିବା ପରେ ନିଟ୍‌ରେ କମ୍ପ୍ୟୁଟର ଡିପ୍ଲୋମା କରିଥିଲି। ତା’ପରେ ଏଲ୍‌ଏଲ୍‌ବି କଲି। ହେଲେ ଏଲ୍‌ଏଲ୍‌ବି ପଢ଼ା ସମ୍ପୂର୍ଣ୍ଣ ସରି ନ ଥାଏ, ମୋର ଜଣେ ସମ୍ପର୍କୀୟ ଭାଇଙ୍କ ସହାୟତାରେ ବମ୍ବେସ୍ଥିତ ଏବିଏନ୍‌ସି ପ୍ରାଇଭେଟ୍ ଲିମିଟେଡ୍‌ରେ ଲିଆସନିଂ ଅଫିସର ଭାବେ କାମ କରିବାକୁ ଲାଗିଲି। ସେଠାରେ ମୋତେ ଟିଏ, ଡିଏ ମିଶି ଦରମା ଦଶ ହଜାର ପାଖାପାଖି ମିଳିଲା। ପ୍ରଥମ ମାସ ଦରମା ପାଇଲା ପରେ ସ୍ଥାନୀୟ ଏକ ଜଗନ୍ନାଥ ମନ୍ଦିରକୁ ଯାଇ ଭୋଗ କରିବା ସହ ମା’ ତାରିଣୀଙ୍କ ଏକ ଫଟୋ କିଣିଥିଲି। ତା’ପରେ ପାଞ୍ଚ ହଜାର ଟଙ୍କା ଘରକୁ ମନିଅର୍ଡର କରିଥିଲି। ପ୍ରାୟ ଦେଢ଼ବର୍ଷ ସେହି ସଂସ୍ଥାରେ କାମ କରିବା ପରେ ଓଡ଼ିଶା ଫେରିଆସି ମାମୁଙ୍କ ସହ ମିଶି ଚିଙ୍ଗୁଡ଼ି ବ୍ୟବସାୟ କଲି। କିଛିଦିନ ପରେ ରବୀନ୍ଦ୍ରନାଥ ମାନସିଂହ ଓ ତ୍ରିବିକ୍ରମ ପଣ୍ଡା ନାମକ ଦୁଇ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଚିଲିକା ସାହିତ୍ୟ ସମାଜକୁ ମୋର ପ୍ରବେଶ ହେଲା। ଧୀରେ ଧୀରେ ଗଳ୍ପ ଓ କବିତା ଲେଖିବା ମଧ୍ୟ ଆରମ୍ଭ କଲି। ଖାସ୍‌କରି କ୍ଷୁଦ୍ରଗଳ୍ପ ଲେଖିବାରେ ମୋର ରୁଚି ଥିଲା। ଯା’ଭିତରେ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକାରେ ମୋର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ରଗଳ୍ପ ପ୍ରକାଶ ପାଇସାରିଲାଣି। ସେହିପରି ‘ଅଳ୍ପ ଗଳ୍ପ’ ଓ ‘ତତେ ମିଛ ମୋତେ ସତରେ ବାଇନ’ ନାମକ ଦୁଇଟି କ୍ଷୁଦ୍ରଗଳ୍ପ ସଂକଳନ ବି ମୋର ବାହାରି ସାରିଲାଣି। ଏହାବାଦ୍ ଡ୍ରାମା ଲେଖିବା ଓ ଡ୍ରାମାରେ ନିର୍ଦ୍ଦେଶନା ଦେବା ବି ମୋର ଅନ୍ୟତମ ରୁଚି। ତା’ଛଡ଼ା ପ୍ରକୃତିପ୍ରେମୀ ରଙ୍ଗନାଥ ସେଠୀଙ୍କ ଜରିଆରେ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟ କରିବାକୁ ମୋତେ ପ୍ରେରଣା ମିଳିଥିଲା, ଯେଉଁଥିପାଇଁ ଏବେ ମୁଁ ଭାରତ ଜନମଞ୍ଚ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନର ଆସିଷ୍ଟାଣ୍ଟ ସେକ୍ରେଟାରି, କଲ୍ୟାଣ ହେଲ୍‌ଥ ଅର୍ଗାନାଇଜେଶନର ଭାଇସ୍ ପ୍ରେସିଡେଣ୍ଟ ତଥା ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀର ସମ୍ପାଦକ ଦାୟିତ୍ୱ ତୁଲାଉଅଛି। ଆଉ ଏହି ସବୁ କାମରୁ ମୋତେ ଖୁବ୍ ଆତ୍ମଶାନ୍ତି ମିଳୁଛି।





# ଓଃ ଫନୀ!

କୋଡ଼ିଏ ବର୍ଷର ଅନ୍ତରାଳରେ ଓଡ଼ିଶା ଆଉଥରେ ଭୋଗିଛି ବାତ୍ୟା ବିପର୍ଯ୍ୟୟ । ୧୯୯୯ ମସିହାରେ ରାଜ୍ୟର ଅର୍ଥନୈତିକ, ସାମାଜିକ ମେରୁଦଣ୍ଡକୁ ଦୋହଲେଇ ଦେଇଥିଲା 'ସୁପର ସାଇକ୍ଲୋନ୍' । କେବଳ ସେତିକି ନୁହେଁ, ସୁପର ସାଇକ୍ଲୋନ୍ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜୈବବିବିଧତା ଏବେ ସୁଦ୍ଧା ଶତପ୍ରତିଶତ ସ୍ୱାଭାବିକ ହୋଇନାହିଁ ବୋଲି ବୁଦ୍ଧିଜୀବୀଙ୍କ ମତ । ଏବେ କୋଡ଼ିଏ ବର୍ଷ ପରେ ପୁଣିଥରେ 'ଫନୀ', ଯାହା ଉପକୂଳ ଓଡ଼ିଶାକୁ ବିଶେଷ ଭାବରେ କ୍ଷତିଗ୍ରସ୍ତ କରିଛି । ତେବେ ସବୁବେଳେ ସୁନ୍ଦରୀ ଝିଅର ଅଭିସାର ରଚି ସଜେଇ ହେଇ ରହୁଥିବା ରାଜଧାନୀକୁ ଉଜାଡ଼ି ଦେଇଛି ଫନୀ । ଏକଦା ଶ୍ୟାମଳ ସୁନ୍ଦର ରାଜଧାନୀ ଆଜି ଲାଗୁଛି ବିଧବାର ଲଲାଟ ପରି ଧୂସର । ବୀଭତ୍ସ ।

**ଟୋପାଏ ପାଣି ପାଇଁ :** ଫନୀର ତାଣ୍ଡବ ପରେ ରାଜଧାନୀରେ ଦେଖିବାକୁ ମିଳିଥିଲା ଏକ ଅତି ଦୟନୀୟ ଦୃଶ୍ୟ । ଲାଗିଥିଲା ଲମ୍ବା ଲାଇନ୍ । ସମସ୍ତଙ୍କ ହାତରେ କୌଣସି ନା କୌଣସି ପାଣିପାତ୍ର । ସମସ୍ତଙ୍କର ପ୍ରାଥମିକ ଉଦ୍ଦେଶ୍ୟ, ବିଜୁଳି କେବେ ଆସୁଛି ଆସୁ । ପ୍ରଥମେ ପାଣି ଟୋପେ ମିଳିଯାଉ । ଆପାତତଃ ଜୀବନ ବଞ୍ଚିଯାଉ । ଥିଲାଥୋଇଲା ଲୋକେ ଅବଶ୍ୟ ଜେନେରେଟର ଲଗେଇ ମାଟିରୁ ଉଠେଇ ପାରୁଥିଲେ ପାଣି । ହେଲେ ସମସ୍ତଙ୍କ ଭାଗ୍ୟରେ ଏକଥା ନ ଥିଲା । ଅବଶ୍ୟ କେତେକ ଅଞ୍ଚଳକୁ ସରକାର ତ୍ୱରିତ ପ୍ରକ୍ରିୟା ସ୍ୱରୂପ ଯୋଗେଇ ଦେଇଥିଲେ ସପ୍ଲାଇ ପାଣି ।

**ବିଞ୍ଚଣାକୁ ଆଦର :** ରାଜଧାନୀର ଲୋକେ ଭାରି ମିଜାଜୀ । ଫ୍ୟାନ୍, ଏ.ସି. ଥାଉଥାଉ ବିଞ୍ଚଣାକୁ ପଚାରୁଥିଲା କିଏ ? ଏମିତିକି ଅନେକଙ୍କ ଘରେ ବିଞ୍ଚଣାଟିଏ ସୁଦ୍ଧା ନ ଥିଲା । ହେଲେ ଫନୀ ପରର ଦୃଶ୍ୟ ଥିଲା ବେଶ୍ ନିଆରା । ବରଡ଼ାପତ୍ର ବିଞ୍ଚଣା ହେଉ କି ବାଉଁଶ ପାତିଆର ବିଞ୍ଚଣା – ଯାହାର ଯାହା ଥିଲା ତାହା ପାଲଟି ଯାଇଥିଲା ଅମୂଲମୂଲ । କାରଣ ଏକଥା କହିବାର ଆବଶ୍ୟକତା ନାହିଁ ଯେ, ପାଣି ପରେ ମଣିଷର ସବୁଠୁ ବେଶି ଆବଶ୍ୟକତା ପବନ । ସେତିକି ନୁହେଁ, ବିଞ୍ଚଣା କିଣିବାକୁ ଲୋକମାନେ ଏ ବଜାରରୁ ସେ ବଜାର ଘୂରି ବୁଲୁଥିଲେ । ସେଥିପାଇଁ ଦିନଟିଏ ଆଦର ପାଉ ନ ଥିବା ବିଞ୍ଚଣା ବଢ଼େଇ ଦେଇଥିଲା ତା'ର ଭାଉ । ତଥ୍ୟ ଅନୁଯାୟୀ, ବିଞ୍ଚଣା ଗୋଟିକୁ ବିକ୍ରି ହେଉଥିଲା ପଚାଶରୁ ଶହେଟଙ୍କା ଦରରେ ।

**ଡରେଇଲା ରାତି :** ଫନୀ ପରେ ରାତି ସବୁ ଆତଙ୍କର ନକ୍ସା ପାଲଟି ଯାଇଥିଲା ରାଜଧାନୀବାସୀଙ୍କ ପାଇଁ । କରେଣ୍ଟ ନ ଥିଲା । ଆକାଶରେ ପବନ ନ ଥିଲା । ଫନୀ ପରବର୍ତ୍ତୀ ବାୟୁମଣ୍ଡଳ ଆର୍ଦ୍ରତାହୀନ ହୋଇ ଉଠିବାରୁ ଗୁଳୁଗୁଳି ବଢ଼ିଯାଇଥିଲା । ଏଥିସହିତ ମଶାଙ୍କ ଅଦଉତି । ଦିନଟି ଯେମିତି ସେମିତି ସିନା କଟି ଯାଉଥିଲା । ହେଲେ ରାତି ଯେତେ ନଇଁ ଆସୁଥିଲା ସେତେସେତେ ଛାତିରେ ଛନକା ପଶୁଥିଲା । ସମସ୍ତେ କୁହାକୁହି ହେଉଥିଲେ ୧୯୯୯ ମହାବାତ୍ୟାର ଗୋଟେ ବିବେକ ଥିଲା । ତାହା ଶୀତଦିନରେ ଆସିଥିଲା । ହେଲେ ଏ ଫନୀଟା ବଡ଼ ହୃଦୟହୀନା ।

**ପାର୍କ ସବୁ ଶ୍ରୀହୀନ :** ଗଛ ଯେ ମଣିଷର ବଡ଼ ବନ୍ଧୁ ସେକଥା ଏଭଳି ଗୋଟିଏ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟରୁ ଜଣାପଡ଼ିଯାଏ । ଗଛ କେବଳ ପବନ ଦିଏନି କି ପରିବେଶକୁ ଥଣ୍ଡା ରଖେନି । ଅଧିକନ୍ତୁ ଏହାର ମାନସିକ ପ୍ରଭାବ ମଧ୍ୟ ରହିଛି । ଗଛ ମୂଳରେ ବସିଗଲେ କି ଠିଆ ହୋଇଗଲେ ମନରେ ଶାନ୍ତିର ସ୍ରୋତ ବହିଯାଏ । ସେଥିଲାଗି ଲୋକେ ଘରର ଜଞ୍ଜାଳରୁ ମୁକ୍ତି ପାଇବା ପାଇଁ ପାର୍କକୁ ଧାଇଁ ଯାଆନ୍ତି । ମାତ୍ର ଏବେ ପାର୍କ ସବୁ ଖାଁଖାଁ । ଯେଉଁଠି ଗଛ ନାହିଁ ତାହା କି ପାର୍କ । ଏପରି କି ମର୍ଣ୍ଣିଂୱାକ କରିବାର ମାନସିକତା ମଧ୍ୟ ଅନେକଙ୍କ ନିକଟରେ ନାହିଁ । ଲୋକଙ୍କର ସଂଖ୍ୟା ମଧ୍ୟ କମି ଯାଇଛି । ସମସ୍ତଙ୍କ ମନରେ ଗୋଟିଏ କଥା ଆଗ ପାର୍କର ଅବସ୍ଥା ସୁଧୁରୁ ।

**ପଛକୁ ଫେରିଲା କୋଡ଼ିଏ ବର୍ଷ :** ଚା' ଖଟି ହେଉ କି ସନ୍ଧ୍ୟା ବେଳେ ଛାତ ଉପରେ – ଯେଉଁଠି ବି ଦୁଇଜଣରୁ ଅଧିକ ଲୋକ ଏକତ୍ର ହେଲେ ସେଠାରେ ଉଠିଲା ଫନୀର କଥା । ସମସ୍ତଙ୍କ ମୁହଁରେ ଗୋଟିଏ କଥା, ରାଜଧାନୀ ଫେରିଗଲା କୋଡ଼ିଏ ବର୍ଷ ପଛକୁ । ଫନୀ ଆମକୁ ମନେ ପକେଇ ଦେଇଗଲା ବିଞ୍ଚଣାରେ ବିଞ୍ଚିହେବା, କୁଅରୁ ପାଣି ଟାଣିବା, ରାତିରେ କ୍ୟାଣ୍ଡେଲ ଜାଳି ରୋଷେଇ କରିବା ହେଉଛି ଆମର ବାସ୍ତବତା । ଏ.ସି., ଫ୍ରିଜ୍, ଜେନେରେଟର, ଟିଭି, ସ୍ମାର୍ଟଫୋନ୍, ଇଣ୍ଟରନେଟ୍ – ଏସବୁ ପ୍ରକୃତି ପାଖରେ କିଛି ବି ନୁହେଁ । ପ୍ରକୃତିକୁ ଗୋଟିଏ ମୁହୂର୍ତ୍ତ ଦରକାର ମଣିଷକୁ ପୁଣିଥରେ ସେଇ ଆଦିମ ଯୁଗକୁ ଫେରେଇ ନବା ପାଇଁ । କେହିକେହି ତ ଏକଥା କହୁଥିଲେ, ବଞ୍ଚିବାକୁ ହେଲେ ପ୍ରକୃତିକୁ ବଞ୍ଚେଇବାକୁ ହେବ । ଆଉ ପ୍ରକୃତିକୁ ବଞ୍ଚେଇବାକୁ ହେଲେ ଆମକୁ ଗଛ ଲଗେଇବାକୁ ପଡ଼ିବ । ଆଉ ଗାଡ଼ିମୋଟର ଛାଡ଼ି ସାଇକେଲ ଧରିବାକୁ ପଡ଼ିବ ।









## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡେ ନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

*ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ*
*ଯୋଗାଯୋଗ : ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,*
*ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ : (୦୬୭୪) ୨୫୮୦୧୦୧*

ବି ଏମ୍ ବୈଶାଳୀ

# ହାଃ.. ହାଃ...

## ପିଲା

୩ ଜଣ ସାଙ୍ଗ ବହୁଦିନ ପରେ ଭେଟିଲେ।
ପ୍ରଥମ ସାଙ୍ଗ- ମୋ ସ୍ତ୍ରୀ ଗର୍ଭବତୀ ଥିଲା ବେଳେ 'ଜୁଡଓ୍ୱା' ଫିଲ୍ମ ଦେଖିଥିଲା। ତେଣୁ ଆମର ଜାଆଁଳା ପିଲା ହେଲେ।
ଦ୍ୱିତୀୟ ସାଙ୍ଗ- ମୋ ସ୍ତ୍ରୀ ପରା ସେଇ ସମୟରେ ଥ୍ରୀ ଇଡିୟଟ ଦେଖିଥିଲା। ତେଣୁ ଆମର ତିନୋଟି ପିଲା ହେଲେ।
ଏସବୁ ଶୁଣିବା ପରେ ତୃତୀୟ ସାଙ୍ଗ ଦୌଡିବାକୁ ଆରମ୍ଭ କଲା। ଏହା ଦେଖି ଦୁଇ ସାଙ୍ଗ- କୁଆଡେ ଦୌଡୁଛୁ ? କହିକି ଯା...
ତୃତୀୟ ସାଙ୍ଗ- ମୋ ସ୍ତ୍ରୀ ଘରେ ମହାଭାରତ ଦେଖୁଥିଲା। ସେ ବି ଗର୍ଭବତୀ ଅଛି...

## ଲଟେରୀ

ସ୍ୱାମୀ ସ୍ତ୍ରୀକୁ- ଯଦି ମୋର ଲଟେରୀ ଉଠେ ତମେ କ'ଣ କରିବ ?
ସ୍ତ୍ରୀ- ସେଥିରୁ ଅଧା ଟଙ୍କା ଧରି ମୁଁ ମୋ ବାପଘର ଚାଲିଯିବି। ମୁଁ ଖୁସ୍ ଆଉ ତମେ ବି ଖୁସ୍।
ସ୍ୱାମୀ- ଆଜି ମୋର ୨୦ ଟଙ୍କାର ଲଟେରୀ ଉଠିଛି। ଏଇ ନିଅ ୧୦ ଟଙ୍କା। ଆଉ ଯାଅ ତୁମ ବାପଘରକୁ।

## ଡ୍ରେସ୍

ରାଜେଶର ମୋଟି ସ୍ତ୍ରୀ- ହେଇଟି ଶୁଣୁଛ, ମୁଁ ଭାବୁଛି ମୋର ସବୁ ପୁରୁଣା ଡ୍ରେସ୍ ଗରିବମାନଙ୍କୁ ଦେଇଦେବି।
ରାଜେଶ- ନା। ଫୋପାଡି ଦିଅ।
ସ୍ତ୍ରୀ- ତମେ କ'ଣ ଜାଣିନ କେତେ ଲୋକ ଭୋକ ଉପାସରେ ରହୁଛନ୍ତି। ଚିରା ମଇଳା ଲୁଗା ପିନ୍ଧୁଛନ୍ତି। ମୋର ଏଇସବୁ ଡ୍ରେସ୍ ଦେଇଦେଲେ ସେମାନେ କେତେ ଖୁସି ହେବେ। ଆଉ ତମେ କହୁଛ ଫିଙ୍ଗି ଦେବାକୁ।
ରାଜେଶ- ମୁଁ ଏଇଥିପାଇଁ କହୁଥିଲି ଯେ, ତୋ ମାପର ଡ୍ରେସ୍ ଯାହାକୁ ଫିଟ୍ ହେବ ସେ କେବେ ବି ଭୋକରେ ରହୁ ନ ଥିବ।

# ସବୁଜ ଗାଁ ଖୋନୋମା







ନାଗାଲାଣ୍ଡର କୋହିମାଠାରୁ ମାତ୍ର ୨୦ କି.ମି. ଦୂରରେ ଅବସ୍ଥିତ ଖୋନୋମାକୁ ଅନେକେ ସବୁଜ ଗାଁ ବୋଲି କହିଥାନ୍ତି। କାରଣ ବର୍ଷ ସାରା ଏହି ଗାଁର ଯେଉଁ ଆଡ଼କୁ ଚାହିଁବେ ସେଠି କେବଳ ଆପଣଙ୍କୁ ସବୁଜିମା ହିଁ ଦେଖାଯିବ। ପାହାଡ଼, ଜଙ୍ଗଲ ଦ୍ୱାରା ଘେରି ହୋଇ ରହିଥିବା ଏହି ଗାଁର ଜଳବାୟୁ ବି ଖୁବ୍ ସ୍ୱାସ୍ଥ୍ୟକର। ଶାନ୍ତ ପରିବେଶ ଭିତରେ କିଛି ସମୟ କଟାଇବା ପାଇଁ ଉକ୍ତ ସ୍ଥାନଟି ଉପଯୁକ୍ତ ହୋଇଥିବାରୁ ଏଠାକୁ ପ୍ରାୟତଃ ପର୍ଯ୍ୟଟକମାନେ ବୁଲିଆସିଥାନ୍ତି।

### ଗାଁର ବିଶେଷତ୍ୱ

ଉକ୍ତ ଗାଁ କୁଆଡ଼େ ୭୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବୋଲି ସ୍ଥାନୀୟ ଲୋକଙ୍କର ମତ ରହିଛି। ପ୍ରାୟ ୧୨୩ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଖୋନୋମା ଗାଁରେ ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଏହି ଗାଁର ଲୋକେ ଗଡ଼ାଣିଆ ପାହାଡ଼ରେ ଖୁବ୍ ସୁନ୍ଦର ଭାବେ ଲଗାଲଗି କରି ଘର ତିଆରିଥାନ୍ତି, ଆଉ ସେଥିରେ ରହିଥାନ୍ତି। ସେହିପରି ସ୍ଥାନୀୟ ଲୋକଙ୍କ ଦ୍ୱାରା କରାଯାଉଥିବା ଟେରାସ୍ ଫାର୍ମିଂ ବା ପାହାଡ଼ରେ ଥାକ ଥାକ ହୋଇ ଚାଷ କରିବାର ଶୈଳୀ ଏହି ଗାଁର ଅନ୍ୟତମ ଆକର୍ଷଣ।

### କ'ଣ ରହିଛି ଏହି ଗାଁରେ

ଖୋନୋମା ଗାଁକୁ ଘେରି ରହିଥିବା ପାହାଡ଼ ଜଙ୍ଗଲରେ ପ୍ରାୟ ୨୫୦ ପ୍ରକାରର ଉଦ୍ଭିଦ ଦେଖାଯାଇଥାଏ। ତନ୍ମଧ୍ୟରୁ ପ୍ରାୟ ୭୦ ପ୍ରକାର ହେଉଛି କେବଳ ଔଷଧୀୟ ଉଦ୍ଭିଦ। ସେହିପରି ୮୪ ପ୍ରକାରର ବଣୁଆ ଫଳ, ୧୧୬ ପ୍ରକାରର ବନ୍ୟ ପନିପରିବା, ୯ ପ୍ରକାରର ଛତୁ ଏବଂ ୫ ପ୍ରକାରର ରଞ୍ଜକ ଦ୍ରବ୍ୟ ଇତ୍ୟାଦି ସ୍ଥାନୀୟ ଜଙ୍ଗଲରୁ ମିଳିଥାଏ। ଏସବୁ ବ୍ୟତୀତ ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବିଭିନ୍ନ ବନ୍ୟଜନ୍ତୁ, ସ୍ତନ୍ୟପାୟୀ ପ୍ରାଣୀ ଏବଂ ପକ୍ଷୀ ବି ଦେଖିବାକୁ ମିଳିଥାଏ।

### ଜାଣିରଖନ୍ତୁ

କୁହାଯାଏ, ଖୋନୋମା ଗାଁରେ କୁଆଡ଼େ ଗଛ କାଟିବାକୁ ନେଇ କିଛିଟା କଡ଼ାକଡ଼ି ନିୟମ ରହିଛି। ତେଣୁ ଏଠାକୁ ବୁଲିଯାଉଥିବା ପର୍ଯ୍ୟଟକ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ। ବିଶେଷକରି ଏହି ସ୍ଥାନକୁ ବୁଲିଯିବା ପୂର୍ବରୁ ଏଣ୍ଟ୍ରି ପରମିଟ୍ ବା ପ୍ରବେଶ ଅନୁମତି ନେଇଯିବା ଠିକ୍ ହେବ।

### କେବେ ଯିବେ

ଜଙ୍ଗଲ, ପାହାଡ଼ ପରିବେଷ୍ଟିତ ଏହି ଗାଁର ପ୍ରାକୃତିକ ପରିବେଶ ବର୍ଷସାରା ଆକର୍ଷଣୀୟ ଲାଗିଥାଏ। ତେଣୁ ଏଠାକୁ ବର୍ଷର ଯେକୌଣସି ସମୟରେ ବୁଲିଯାଇ ପାରିବେ। ଶୀତଦିନେ ଏଠାରେ ଟିକେ ଅଧିକ ଶୀତ ହେଉଥିବାରୁ ଶୀତବସ୍ତ୍ର ନେଇଗଲେ ଆଉ ଅସୁବିଧା କିଛି ନାହିଁ।

### କେମିତି ଯିବେ

ଗମନାଗମନର ବି ବେଶ୍ ଭଲ ବ୍ୟବସ୍ଥା ରହିଛି ଏଠାରେ। ଦିମାପୁର ହେଉଛି ଏହାର ନିକଟତମ ବିମାନବନ୍ଦର। ଗୁଆହାଟୀ ଓ କୋଲ୍‌କାତାରୁ ନିୟମିତ ବ୍ୟବଧାନରେ ଦିମାପୁର ବିମାନବନ୍ଦରକୁ ବିମାନ ଚଳାଚଳ କରିଥାଏ। ସେହିପରି ଦିମାପୁରରୁ ମାତ୍ର ଅଢ଼େଇଘଣ୍ଟାର ରାସ୍ତା ହେଉଛି କୋହିମା। ଟ୍ୟାକ୍ସି କିମ୍ବା ଟୁରିଷ୍ଟ ବସ୍‌ରେ ମଧ୍ୟ ଏଠାକୁ ଯାଇହେବ। ତା'ଛଡ଼ା ଦିମାପୁରରେ ବି ଏକ ରେଲଷ୍ଟେଶନ ରହିଛି। ଏହାବାଦ୍ ସଡ଼କପଥରେ ବି ଏଠାକୁ ଯିବାର ସୁବିଧା ରହିଛି।









# ନିଦରେ ଶୋଇ ରହୁଥିବା ଗାଁ

କୁମ୍ଭକର୍ଣ୍ଣ ମାସ ମାସ ଶୋଉଥିଲେ ବୋଲି ସମସ୍ତେ ଜାଣନ୍ତି। ତେବେ ଏପରି ଏକ ଗାଁ ଅଛି ଯେଉଁଠି ଲୋକେ ବି ଅନେକ ଦିନ ପର୍ଯ୍ୟନ୍ତ ଶୋଇ ରୁହନ୍ତି। ଗାଁଟି ହେଉଛି କାଜାଖାସ୍ତାନର କାଲାଚି। ଗାଁର ଚାରି ଭାଗରୁ ଏକ ଭାଗ ଲୋକ ଅନେକ ଦିନ ପର୍ଯ୍ୟନ୍ତ ଶୋଇ ରୁହନ୍ତି। ଆଉ ଯେବେ ସେମାନେ ଉଠନ୍ତି ମୁଣ୍ଡବିନ୍ଧା, ବାନ୍ତି ଲାଗିବା ସହ ଅନେକାଂଶରେ ସ୍ମରଣଶକ୍ତି ବି ହରାଇ ବସିଥାଆନ୍ତି। କୁହାଯାଉଛି ସେମାନେ ଏକପ୍ରକାର ନିଦ୍ରା ରୋଗରେ ଆକ୍ରାନ୍ତ। ୨୦୧୩ରୁ ଏହି ରୋଗରେ ଏଠାକାର ଗ୍ରାମବାସୀ ଆକ୍ରାନ୍ତ ହୋଇଛନ୍ତି। ଯଦ୍ଦ୍ୱାରା ଅନେକ ଗ୍ରାମବାସୀ ଏକାଥରେ ଅନେକ ଦିନ ଶୋଇ ରୁହନ୍ତି। ଉକ୍ତ ରୋଗର କାରଣ ଜାଣିବା ପାଇଁ ଏଠାକାର ଜଳ, ବାୟୁ, ଖାଦ୍ୟ ଓ ଲୋକଙ୍କ ଉପରେ ୨୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷା ହୋଇ ସାରିଲାଣି। ହେଲେ କୌଣସି ଫଳାଫଳ ମିଳି ପାରି ନାହିଁ। ତେବେ ସ୍ଥାନୀୟ ବାସିନ୍ଦା ଭାବନ୍ତି ଗାଁ ନିକଟରେ ଥିବା ସୋଭିଏତ ଯୁଗର ପରିତ୍ୟକ୍ତ ହୋଇ ପଡି ରହିଥିବା ୟୁରାନିୟମ୍ ଖଣି ଏହି ରୋଗର କାରଣ।

## କାର୍ଟୁନ କର୍ନର



# ବେଳ ଥାଉ ବନ୍ଧ ବାନ୍ଧ


ଅରୁଣ ନାୟକ

କେହିଜଣେ କହିଥିଲେ, ମଣିଷ ନିଜେ ହିଁ ନିଜର ଶତ୍ରୁ। କଥାଟିକୁ କିଏ, କେବେ, କେଉଁ ପରିପ୍ରେକ୍ଷୀରେ କହିଥିଲେ ତାହା ଭିନ୍ନକଥା। ମାତ୍ର କଥାଟିର ପ୍ରାସଙ୍ଗିକତା ଏବେ ଯେ ବହୁଗୁଣିତ ହୋଇଉଠିଛି ତାହା ଅନସ୍ୱୀକାର୍ଯ୍ୟ। 'ବିକାଶର ପାହାଚ ଚଢୁଥିବା ମଣିଷ ଆଜି ଜାଣିଜାଣି ନିଜର ବିନାଶକୁ ଡାକୁଛି। ଚାରିଆଡ଼େ କଂକ୍ରିଟ୍ ଜଙ୍ଗଲ। ମନଇଚ୍ଛା କଟା ଯାଉଛି ଗଛ। ଫଳରେ 'ଗ୍ରୀନ୍ ହାଉସ୍'ର ବଳୟ ମଧ୍ୟକୁ ଠେଲି ହୋଇଯାଉଛି ମଣିଷ। ଦିନକୁଦିନ ବାୟୁମଣ୍ଡଳରୁ ସରିଯାଉଛି ଅମ୍ଳଜାନ। ତା' ସ୍ଥାନରେ ଭରିହୋଇଯାଉଛି ପ୍ରାଣଘାତକ ଅଙ୍ଗାରକାମ୍ଳ। ଦିନ ଆସିବ ମଣିଷ ଚାଉଳ, ଡାଲି କିମ୍ବା ପାଣି ପାଇଁ ନୁହେଁ; ଉହଳବିକଳ ହେବ ପୁଳାଏ ଅମ୍ଳଜାନ ପାଇଁ। ତଥାପି ବି ସମୟ ଅଛି। ମଣିଷମାନେ ସତର୍କ ହେବା ଆବଶ୍ୟକ। ବେଳ ଥାଉ ବନ୍ଧ ବାନ୍ଧିବା ଦରକାର। ଫଳରେ ମଣିଷ ସମାଜ ସହିତ ଏ ବିଶାଳ ପୃଥିବୀ ମଧ୍ୟ ଅଙ୍ଗାରକାମ୍ଳ ରାକ୍ଷସର ଲୋମଶ ପଞ୍ଝାରୁ ରକ୍ଷା ପାଇପାରିବ।' ଏମିତି ଗୋଟିଏ ସମୟୋପଯୋଗୀ ଥିମ୍‌କୁ ନେଇ ଯୁକ୍ତରାଷ୍ଟ୍ର ଆମେରିକାର ହ୍ୟୁଷ୍ଟନ ସହର ସ୍ଥିତ ସାନ୍ ଆଣ୍ଟୋନିଓ ଠାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ବେଳ ଥାଉ ବନ୍ଧ ବାନ୍ଧ'। ନାଟକଟିକୁ ରଚନା କରିଛନ୍ତି ଓଡ଼ିଶାର ବିଶିଷ୍ଟ ନାଟ୍ୟକାର, ଗ୍ରନ୍ଥକାର ତଥା ସମାଜସେବୀ ଅରୁଣ ନାୟକ। ନାଟକ ବିଷୟରେ ନାଟ୍ୟକାର କହନ୍ତି : 'ମଣିଷ ଆଦୌ ନ ଖାଇ ଦୁଇ ଚାରିଦିନ ବଞ୍ଚି ଯାଇପାରିବ। ଆଦୌ ପାଣି ନ ପିଇ ଆଠ ଦଶଘଣ୍ଟା ତିଷ୍ଠି ଯାଇପାରିବ। ହେଲେ ଅମ୍ଳଜାନ ବିନା ଗୋଟିଏ ମୁହୂର୍ତ୍ତ ବି ଜୀବନ ଧରିବା ଅସମ୍ଭବ। ଆମେମାନେ ଆଜି ଖାଦ୍ୟ ଆଉ ପାଣିକୁ ନେଇ ସଚେତନ ହୋଇ ଉଠିଛେ। ହେଲେ ଅମ୍ଳଜାନକୁ ନେଇ କେହି ବି ସଚେତନ ନୋହୁଁ। କେବଳ ଓଡ଼ିଶାରେ ନୁହେଁ କି ଭାରତରେ ନୁହେଁ; ସମଗ୍ର ବିଶ୍ୱରେ ଅବାଧରେ ଗଛକଟା ଚାଲିଛି। ଶିଳ୍ପ ଆଉ ବିକାଶର ଦ୍ୱାହି ଦେଇ ଆମେ ଜଙ୍ଗଲ ସଫା କରିଚାଲିଛେ। ପରିଣାମ ଏଇଆ ଯେ, ବାୟୁ ପ୍ରଦୂଷଣ କ୍ଷିପ୍ର ଗତିରେ ବଢ଼ି ଚାଲିଛି। ଦିନ ଆସିବ ଯେତେବେଳେ ଆମମାନଙ୍କୁ ଦୁଇଟି ଲେଖାଏଁ ଅମ୍ଳଜାନ ଡବା କ୍ରୟ କରି ଅଣ୍ଟାରେ ଝୁଲେଇ ବୁଲିବାକୁ ପଡ଼ିବ। ଅମ୍ଳଜାନ ପାଇଁ ତ୍ରାହି ତ୍ରାହି ଡାକିବ ଆଜିର ସୁନ୍ଦର ଶ୍ୟାମଳ ପୃଥିବୀ। ମୋ ମତରେ ଅଧୁନା ବିଶ୍ୱବାସୀଙ୍କ ପାଇଁ ଯଦି ବାସ୍ତବରେ କିଛି ସମସ୍ୟା ଥାଏ ତା'ହେଲେ ତାହା ହେଉଛି ପରିବେଶ। ମୋ ନାଟକ ଏଇବାର୍ତ୍ତା ହିଁ ଦେଉଛି।' ସାନ୍ ଆଣ୍ଟୋନିଓର ପ୍ରବାସୀ ଭାରତୀୟ ଓଡ଼ିଆ ଭାଇଭଉଣୀଙ୍କ ଦ୍ୱାରା ଅଭିନୀତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଅନିମେଶ ଘୋଷ। ସତ୍ୟପ୍ରକାଶ ପଣ୍ଡା ଏହାର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ ପ୍ରଚ୍ଛଦପଟ ସଙ୍ଗୀତ ସହ ନାଟକଟିର ପ୍ରଯୋଜନା କରିଥିଲେ ଶାନ୍ତନୁ ଦାଶ। ଏଥିରେ ଅଭିନୟ କରିଥିଲେ ଜଗତ୍‌ଜିତ୍ ମହାପାତ୍ର, ସତ୍ୟଜିତ ପାଢ଼ୀ, ସୁଶ୍ରୀ ପ୍ରିୟଦର୍ଶିନୀ ନାୟକ, ଗଣେଶ ପ୍ରସାଦ ରଣା, ଗଜପତି ସୁବୁଦ୍ଧି, ଜ୍ଞାନଚାନ୍ଦ ସୁବୁଦ୍ଧି ଏବଂ ସତ୍ୟରଞ୍ଜନ ମହାନ୍ତି। ଖୁବ୍ ଶୀଘ୍ର ଏହି ବାର୍ତ୍ତାଧର୍ମୀ ନାଟକଟି ଇଂଲିଶ ସମେତ ସମସ୍ତ ଭାରତୀୟ ଭାଷା ତଥା କେତେଗୋଟି ବିଦେଶୀ ଭାଷାରେ ଅନୁବାଦ ହେବା ସହିତ ବିଶ୍ୱର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ କରାଯିବ ବୋଲି କହିଛନ୍ତି ନାଟକର ପ୍ରଯୋଜକ ଶାନ୍ତନୁ ଦାଶ।


ନାଟକର ଏକ ଦୃଶ୍ୟ

# ଦୟାନ୍ନାଙ୍କ ଦୟାନିଧି ଅବତାର

ଦୟାନିଧି ଉପାଧ୍ୟାୟ ବୋଲି କହିଲେ ଯାତ୍ରାପ୍ରେମୀମାନଙ୍କୁ ବୁଝାଇ କହିବାକୁ ପଡ଼ିବ ନାହିଁ ଯେ, ଏଠାରେ କେଉଁ ଦୟାନିଧିଙ୍କ କଥା କୁହାଯାଉଛି। ସେ ହେଉଛନ୍ତି ଓଡ଼ିଆ ଯାତ୍ରା କମେଡି ଆକାଶର ଏକ ଉଜ୍ଜ୍ୱଳ ତାରକା। ତାଙ୍କର ନିଆରା ହାସ୍ୟ ପଦ୍ଧତି ଯାତ୍ରା କମେଡିକୁ ଏକ ନୂଆ ଦିଶା ପ୍ରଦାନ କରିଛି। ମଞ୍ଚକୁ ନାୟକ ଆସିଲେ ହୁଏତ ତାଳି ବାଜି ନ ପାରେ। ମାତ୍ର ଦୟାନିଧି ଉପାଧ୍ୟାୟ ଓରଫ୍ ଦୟାନ୍ନା ଆସିଲେ ତାଳି ବାଜିବ ହିଁ ବାଜିବ। ତେବେ କେବଳ କମେଡି କ୍ଷେତ୍ରରେ ନିଜକୁ ସୀମିତ ରଖିନାହାନ୍ତି ଦୟାନ୍ନା। ସେ ନିଜର ଦୟାନିଧି ନାମକୁ ସାର୍ଥକ କରିବା ପାଇଁ ଆଉ ଗୋଟେ ପଦକ୍ଷେପ ନେଇଛନ୍ତି। ନିକଟରେ ଘଟିଯାଇଛି ସାମୁଦ୍ରିକ ଝଡ଼ ଫନୀ। ଫନୀ ରିଲିଫ ପାଇଁ ସେ ଯାତ୍ରା କଳାକାର ଓ କର୍ମଚାରୀ ପାଣ୍ଠିକୁ ଦଶହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି। ଦୟାନ୍ନାଙ୍କର ଏହି ପଦକ୍ଷେପକୁ ଚାରିଆଡ଼େ ଭୂରିଭୂରି ପ୍ରଶଂସା କରାଯାଇଛି। କମେଡି ତାରକା ଦୟାନ୍ନାଙ୍କ ଅଭିନୟ ବିଷୟରେ ପରିଚୟ ଦେବାକୁ ଯାଇ ଏତିକି ଲେଖିଲେ ଯଥେଷ୍ଟ ହେବ ଯେ, ସେ ହେଉଛି ସବୁଠାରୁ ସଫଳ ନାଟକ 'ଗୁପ୍ତ ସମ୍ପର୍କ'ର ହିରୋ। ଏହି ନାଟକରେ ସେ କମେଡି ଷ୍ଟାରରୁ ସିଧାସଳଖ ନାୟକ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଚମକେଇ ଦେଇଥିଲେ। ସମ୍ପ୍ରତି ଯାତ୍ରା ଇନ୍ଦ୍ରଭୁବନରେ ଅଭିନୟ ଜାରି ରଖିଥିବା ଦୟାନିଧି ଉପାଧ୍ୟାୟଙ୍କ ନାଟକଗୁଡ଼ିକ ମଧ୍ୟରେ ରହିଛି ତାପସ୍ ସ୍ୱାଇଁ ନିର୍ଦ୍ଦେଶିତ ତଥା ନିହାର ମହାନ୍ତିଙ୍କ ରଚିତ ନାଟକ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ', ହର ବାରିକଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ବଡ଼ଲୋକକୁ ଉତ୍ତର ନାହିଁ', ସୁକାନ୍ତ ମଲ୍ଲିକଙ୍କ ରଚିତ ଏବଂ ଯୋଗେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶିତ 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ୍' ଏବଂ ଅରୁଣ ବାରିକ ରଚିତ ତଥା ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ଗଙ୍ଗା ପାପକଲେ ଧୋଇବ କିଏ'।



# ଡୋଳା ବଦଳେଇଲା ବିଦ୍ୟୁତ୍ ଆଘାତ

ବେଳେବେଳେ ଏମିତି କିଛି ମିରାକ୍ଲ ଘଟେ, ଯାହାକୁ ମଣିଷ ଚେଷ୍ଟାକରି ବି ବୁଝିପାରେନା। କଳ୍ପନା କରିବା ତ ଅନେକ ଦୂରର କଥା। ସେମିତି ଗୋଟିଏ ଘଟଣା ଘଟିଛି ବ୍ରିଟେନ୍‌ରେ। ବିଦ୍ୟୁତ୍ ଆଘାତ ଜଣକ ଆଖିର ପୁଅଡୋଳାକୁ ବଦଳେଇ ଦେଇଛି। ବିଦ୍ୟୁତ୍ ଆଘାତ ସଂସ୍ପର୍ଶରେ ଆସିବା ପରେ ପୁଅଡୋଳାଟି ତାରକା (ଷ୍ଟାର) ଚିତ୍ରିତ ହୋଇ ଉଠିଛି। ଘଟଣାଟି ବିଷୟରେ ସବିସ୍ତୃତ ପ୍ରକାଶିତ ହୋଇଛି 'ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନ୍'ରେ। ଜର୍ନାଲ୍‌ର ତଥ୍ୟ ଅନୁଯାୟୀ, ଜଣେ ଇଲେକ୍ଟ୍ରିସିଆନ୍ କିଛି ବିଦ୍ୟୁତ୍ ସମସ୍ୟାର ସମାଧାନ କରୁଥିଲେ। ଏତିକିବେଳେ ଅସାବଧାନତାବଶତଃ ତାଙ୍କ ବାମକାନ୍ଧରେ ବିଦ୍ୟୁତ୍ ଝଟ୍‌କା ଲାଗିଲା। ତାଙ୍କ ଶରୀର ଦେଇ ୧୪ ହଜାର ଭୋଲ୍‌ଟର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୋଇଗଲା। ସମସ୍ତେ ଭାବିଥିଲେ ଲୋକଟି ବଞ୍ଚିବେନି। ମାତ୍ର ବର୍ତ୍ତିଗଲେ। ହେଲେ ତାଙ୍କ ଆଖିଡୋଳାର ଆକୃତି ବଦଳି ଯାଇଥିଲା। ଡୋଳାରେ ଷ୍ଟାର ବା ତାରକା ଆକୃତିର ଚିତ୍ର ଆଙ୍କି ହୋଇଯାଇଥିଲା। ଅବଶ୍ୟ ଦୃଷ୍ଟିଶକ୍ତିରେ କୌଣସି ଫରକ ପଡ଼ିନାହିଁ। ଏହାକୁ ଏକ ମିରାକ୍ଲ ବୋଲି କୁହାଯାଉଛି।



ବ୍ୟାକ୍ ପେଜ୍







# ବାଘ ମୁଖା ତଳେ ୪୫ ବର୍ଷ



ନାଁ ତାଙ୍କର ୟୋଶିରୋ ହାରାଡା। ହେଲେ ସେ ଦୀର୍ଘ ୪୫ ବର୍ଷ ହେବ ପରିଚିତ ହେଉଛନ୍ତି ଶିନ୍‌ଜୁକୁ ଟାଇଗର୍ ନାମରେ। ଜାପାନର ଟୋକିଓରେ ରହୁଥିବା ଏହି ବ୍ୟକ୍ତିଜଣକ ଘରେ ଘରେ ଖବରକାଗଜ ପହଞ୍ଚାଇବା କାମ କରନ୍ତି। ବୟସ ତାଙ୍କୁ ୬୯ ବର୍ଷ। ହେଲେ ସେ ପହଞ୍ଚିଗଲେ ପିଲାମାନଙ୍କ ଖୁସି ବଢିଯାଏ। କାରଣ ହେଉଛି ସେ ପିନ୍ଧୁଥିବା ବାଘ ମୁଖା। ୧୯୭୨ ମସିହାରୁ ସେ ପିନ୍ଧି ଆସୁଛନ୍ତି ପ୍ଲାଷ୍ଟିକ୍‌ର ବାଘ ମୁଖା। ଆଉ ଜୀବନସାରା ବାଘଭଳି ବିତେଇବାକୁ ଚାହାନ୍ତି। ୟୋଶିରୋ ପେସାରେ ଖବରକାଗଜ ବିତରକ। ସ୍କୁଲରେ ପଢିବା ସମୟରୁ ସେ ଏହି କାମ କରିଆସୁଛନ୍ତି। ତାଙ୍କୁ ଏ କାମ ବହୁତ ଭଲ ଲାଗୁଥିଲା। ସେଥିପାଇଁ ସେ ୟୁନିଭର୍ସିଟି ପଢା ଛାଡି ଏଥିରେ ମନଯୋଗ ଦେଇଥିଲେ। ତେବେ ୧୯୭୨ରେ କାବୁକିଚୋରେ ହେଉଥିବା ଏକ ମହୋତ୍ସବରେ ଯୋଗ ଦେବାପରେ ତାଙ୍କ ଦୁନିଆ ବଦଳିଯାଇଥିଲା। ସେଠି ସେ ଅନେକ ରଙ୍ଗିନ ବାଘ ମୁଖା ଦେଖିବାକୁ ପାଇଥିଲେ। ସେଗୁଡିକୁ ଦେଖିବା ପରେ ହିଁ ମୁଖା ପିନ୍ଧି ବାଘ ପରି ଜୀବନ ବିତାଇବାକୁ ସେ ମନ ବଳାଇଥିଲେ। ଆଉ ସେହିଦିନ ସେ ସେଠାରୁ ୩୦ଟି ମୁଖା କିଣି ଆଣିଥିଲେ। କାରଣ ଆଜୀବନ ପିନ୍ଧିବାକୁ ହେଲେ ଏକାଧିକ ମୁଖା ଆବଶ୍ୟକ ପଡିବ। ସେବେଠାରୁ ସେ ଅଫିସ ଯାଆନ୍ତୁ କି ଖବରକାଗଜ ବିତରଣ କରିବାକୁ, ଏମିତିକି ବାକି ସମୟରେ ବି ମୁଖା ପିନ୍ଧି ରହନ୍ତି। ବହୁତ କମ୍ ସମୟ ପାଇଁ, ନିହାତି ଜରୁରୀ ନ ହେଲେ ସେ ମୁଖା ବାହାର କରନ୍ତି ନାହିଁ। ମୁଖା ବ୍ୟତୀତ ସେ ଗୋଲାପି ରଙ୍ଗର ଏକ ୱିଗ୍ ବି ବ୍ୟବହାର କରନ୍ତି, ବିଭିନ୍ନ ରଙ୍ଗବେରଙ୍ଗର ପୋଷାକ ପିନ୍ଧନ୍ତି ଓ ସାଙ୍ଗରେ ଅନେକ ସୁନ୍ଦର ଶଫ୍ଟ ଟୟ ଧରି ଖବରକାଗଜ ବିତରଣ କରନ୍ତି। ପାହାନ୍ତା ୩.୩୦ରୁ ଉଠି ସେ ତାଙ୍କର ପ୍ରଥମ ଡେଲିଭରି ୫ଟାରେ ଆରମ୍ଭ କରନ୍ତି। ଦୁଇଘଣ୍ଟାରେ କାମ ସରିବା ପରେ ଘରକୁ ଆସି ବିଶ୍ରାମ ନିଅନ୍ତି। ପୁଣିଥରେ ଅପରାହ୍ନ ୩ଟା ବେଳେ ଦ୍ୱିତୀୟ ଖବରକାଗଜ ଡେଲିଭରି କାମରେ ଲାଗନ୍ତି। ଏ ବୟସରେ ବି ସେ ବେଶ୍ ଚଳଚଞ୍ଚଳ। ଯୁବସୁଲଭ ମନ ନେଇ ସେ ବାଘର ଜୀବନ ବିତାଉଛନ୍ତି, ନିଜ କାମ କରି ଚାଲିଛନ୍ତି ଓ ଅନ୍ୟକୁ ଖୁସି ବାଣ୍ଟୁଛନ୍ତି।






# ଟୟଲେଟ୍ ଦେବ ରାଜକୀୟ ଅନୁଭୂତି

ମଣିଷର ସବୁଠୁ କମ୍ ସମୟ ବିତିଥାଏ ଟୟଲେଟ୍‌ରେ। ଯେତେଶୀଘ୍ର ଏହା ମଧ୍ୟରୁ କାମ ସାରି ବାହାରି ଯିବାକୁ ସମସ୍ତେ ପସନ୍ଦ କରନ୍ତି। ତେବେ ଫିଲିପାଇନ୍ସ୍, କ୍ୟୁଜୋନ୍‌ର ପେଟ୍ରୋନ୍ ଗ୍ୟାସ୍ ଷ୍ଟେଶନ୍ ଟୟଲେଟ୍‌କୁ ଯିଏ ଥରେ ଯିବ ଘଣ୍ଟା ଘଣ୍ଟା ତାରି ଭିତରେ ବିତାଇବାକୁ ଚାହିଁବ। କାରଣ ଟୟଲେଟ୍ ଭିତରେ ଅଛି କାଠର ଆସବାବପତ୍ର, ବହି ଥାକ ସହ ଟୟଲେଟ୍ ପାର୍ଶ୍ୱରେ ଏକ ଫୋନ୍। ଏହାର କାନ୍ଥ ଓ ଛାତର ସାଜସଜ୍ଜା ତ ଆଖି ଝଲସାଇ ଦେବା ଭଳି। ବଡ଼ ସୁନ୍ଦର ଆଇନା ସାଙ୍ଗକୁ ଛାତରୁ ଝୁଲୁଥିବା ସୁନ୍ଦର ଚାଣ୍ଡେଲିୟାର୍। ତେବେ ଏହି ଟୟଲେଟ୍‌ର ସବୁଠୁ ଖାସ୍ କଥା ହେଉଛି ଏହାର ଟୟଲେଟ୍ ବାଓ୍ୱଲ। ଟୟଲେଟ୍ ବାଓ୍ୱଲଟି ସାଧାରଣ ଲାଗୁଥିଲେ ହେଁ ଏହାର ଚାରିପଟେ ଅଛି କାଠର ସିଂହାସନ, ଯାହାକୁ କି ସୁବର୍ଣ୍ଣ ରଙ୍ଗରେ ରଙ୍ଗା ଯାଇଛି। ତେଣୁ ଏହା ଦେଖିବାକୁ ଲାଗେ ରାଜାଙ୍କ ସିଂହାସନ ପରି। ଯଦ୍ୱାରା ଏହି ଟୟଲେଟ୍‌ରେ ବସିବା ବେଳେ ଆପଣଙ୍କୁ ରାଜକୀୟ ଅନୁଭୂତି ନିଶ୍ଚିତଭାବେ ଦେବ।